## ସଂକ୍ଷେପରେ

### ନିଖୋଜ ଚାଷୀଙ୍କ ମୃତଦେହ ଜବତ

ପରଜଙ୍ଗ, ୨୦।୭(ନିଗମାନନ୍ଦ ଦଳବେହେରା)-ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଗେଙ୍ଗୁଟିଆ ନିକଟ ଦେଇ ଯାଇଥିବା ରେଙ୍ଗାଳି ବାମ କେନାଲରେ ବୁଡ଼ିଯାଇ ନିଖୋଜ ହୋଇଯାଇଥିବା ଚାଷୀ ଅନ୍ତର୍ଯ୍ୟାମୀ ସାହୁ (୬୦)ଙ୍କ ମୃତଦେହ ଗୁରୁବାର ମିଳିଛି। ଗ୍ରାମର ଜଣେ ଯୁବକ ଚାଷୀଙ୍କ ମୃତଦେହ ଠାବ କରିଥିଲେ। ସୂଚନା ପାଇ ଦଦରାଘାଟି ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ସୂଚନାଯୋଗ୍ୟ, ବୁଧବାର ଅପରାହ୍ନ ପ୍ରାୟ ୨ଟାରେ କେନାଲରେ ଗାଧୋଉଥିବାବେଳେ ସେ ପ୍ରଖର ସୁଅରେ ଭାସିଯାଇଥିଲେ। ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। କେନାଲ ହୁଡ଼ାରେ ପିନ୍ଧିଥିବା ପୋଷାକ ଠାବ କରାଯିବା ପରେ ଅନ୍ତର୍ଯ୍ୟାମୀ ବୁଡ଼ିଯାଇଥିବା ସନ୍ଦେହ ଦୃଢ଼ୀଭୂତ ହୋଇଥିଲା। ସୂଚନା ପାଇ ଅଗ୍ନିଶମ କର୍ମଚାରୀ ବିଭିନ୍ନ ସ୍ଥାନରେ ପହଞ୍ଚି ଖୋଜାଖୋଜି କରିଥିଲେ ମଧ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା।

### ଶାନ୍ତିମୟ ଶିକ୍ଷାକୁ ଗୁରୁତ୍ୱ

ଢେଙ୍କାନାଳ, ୨୦।୭(ରତନ ନାୟାର): ଢେଙ୍କାନାଳ ଜିଲା ଓଡ଼ାପଡା ବ୍ଲକ ଗୁଣ୍ଡିଚାପଡ଼ା ମସଜିଦ୍ ତୋହିଦଠାରେ ଅହମ୍ମଦିଆ ମହିଳା ସଙ୍ଗଠନ ଆନୁକୂଲ୍ୟରେ ଚାଲିଥିବା କୋରାନ୍ ସପ୍ତାହ ଉଦ୍‌ଯାପିତ ହୋଇଯାଇଛି। ମହିଳାମାନଙ୍କୁ ପବିତ୍ର କୋରାନ୍‌ର ଠିକ୍ ଉଚ୍ଚାରଣ, ପଠନ ବିଷୟରେ ଶିକ୍ଷା ଦିଆଯାଇଥିଲା। କୁନି କୁନି ପିଲାମାନେ ନଜମା ପରିବେଷଣ କରିଥିଲେ। ଅହମ୍ମଦିଆ ମହିଳା ସଙ୍ଗଠନର ଅଧକ୍ଷା ଫିରାତୁନ୍ ବେଗମ କହିଲେ, ସମ୍ପ୍ରତି ବିଶ୍ୱରେ ହିଂସା ମୁଣ୍ଡ ଟେକିଛି। ଭାଇଚାରା ହ୍ରାସ ପାଇବାରେ ଲାଗିଛି। ଏଭଳି ସମୟରେ ଶାନ୍ତିମୟ ଶିକ୍ଷା ଉପରେ ଗୁରୁତ୍ୱ ଦେବା ଆମର ପ୍ରଥମ କର୍ତ୍ତବ୍ୟ। ସମାଜରେ ପ୍ରେମ, ଶାନ୍ତି, ମାନବବାଦର ବାର୍ତ୍ତା ପ୍ରଚାର କରିବା ସହ ଜଣେ ଅନ୍ୟ ଜଣକୁ ଯଥାସାଧ ସହାୟତା କରିବା ଉଚିତ। ଉପାଧକ୍ଷା ରୁକସାନା ବିବି, କୋଷାଧକ୍ଷା ପଇରୁନ ବିବି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ଗ୍ରାମାଞ୍ଚଳ ଉନ୍ନତିକୁ ଗୁରୁତ୍ୱ

କାମାକ୍ଷାନଗର, ୨୦।୭ (ସୁଧୀର ପରିଡ଼ା): ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଗୁରୁବାର 'ମୋ ବ୍ଲକ ବୈଠକ' ବିଡିଓ ବିକାଶ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ ଉପସ୍ଥିତ ରହି ଗ୍ରାମାଞ୍ଚଳର ଉନ୍ନତିକୁ ଗୁରୁତ୍ୱ ଦେଇଥିଲେ। ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଉନ୍ନୟନମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରିବା ଲାଗି ସେ ପରାମର୍ଶ ଦେଇଛନ୍ତି। ବ୍ଲକ ଅଧକ୍ଷ ପ୍ରେମାନନ୍ଦ ସାହୁ, ଆକାଉଣ୍ଟ ଅଫିସର ଧୀରେନ୍ ନାୟକ, ଏବିଡିଓ ଝରଣା ସାମଲଙ୍କ ସମେତ ବ୍ଲକର ସମସ୍ତ ପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ।

# ଗୋରୁପଲ ପାଇଁ କଳବଲ

■ ପ୍ରମୁଖ ରାସ୍ତାରେ ବଢୁଛି ଦୁର୍ଘଟଣା

■ ଏନ୍‌ଏସି କର୍ତ୍ତୃପକ୍ଷ ସବୁ ଜାଣି ନିଦାବିଷ୍ଟୁ

**କ୍ଷୀର ଦୁହିଁବା ପରେ ଗାଇଙ୍କୁ ପଘାମୁକ୍ତ କରିଦେଉଛନ୍ତି ମାଲିକ। ପେଟ ଭର୍ତ୍ତି ପାଇଁ ସହରର ବ୍ୟସ୍ତବହୁଳ ସଡ଼କରେ ଘୂରି ବୁଲୁଛନ୍ତି ସେମାନେ। ଯେଉଁଠି ପାରୁଛନ୍ତି ସେଇଠି ଦଳବଦ୍ଧ ଭାବେ ଶୋଇ ରହୁଛନ୍ତି। ମାରଣା ଗାଇ, ଷଣ୍ଢଙ୍କ ଆକ୍ରମଣରେ ସାଧାରଣ ଲୋକ, ଛାତ୍ରୀଛାତ୍ର, ଯାନବାହନ ଚାଳକ କ୍ଷତାକ୍ତ ମଧ ହେଉଛନ୍ତି। କାମାକ୍ଷାନଗର ସହରାଞ୍ଚଳରେ ବୁଲାଗୋରୁ ସମସ୍ୟା ମୁଣ୍ଡବ୍ୟଥା ବଢ଼ାଇଥିବାବେଳେ ସବୁଜାଣି ନିଦାବିଷ୍ଟୁ ସାଜିଛନ୍ତି ଏନ୍‌ଏସି କର୍ତ୍ତୃପକ୍ଷ।**



କାମାକ୍ଷାନଗର, ୨୦।୭(ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲାର ଅନ୍ୟତମ ପ୍ରମୁଖ ସହର କାମାକ୍ଷାନଗର ଏନ୍‌ଏସିରେ ବୁଲାଗୋରୁଙ୍କୁ ନେଇ ସମସ୍ୟା ବଢ଼ିବାରେ ଲାଗିଛି। ସହରାଞ୍ଚଳର ଅଧିକାଂଶ ବ୍ୟସ୍ତବହୁଳ ସଡ଼କରେ ଗାଇ, ବଳଦ, ଷଣ୍ଢ ନିର୍ବିଘ୍ନରେ ବିଚରଣ କରୁଛନ୍ତି। ବ୍ୟବସାୟିକ ପ୍ରତିଷ୍ଠାନ, ବିଦ୍ୟାଳୟ ସମ୍ମୁଖ ସମେତ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ଦଳବଦ୍ଧ ଭାବେ ରହୁଛନ୍ତି। ଏହାକୁ ନେଇ ସହରରେ ଅସ୍ୱାଭାବିକ ସ୍ଥିତି ସୃଷ୍ଟି ହୋଇଛି। ସମସ୍ୟା ସମ୍ପର୍କରେ ଏନ୍‌ଏସି କର୍ତ୍ତୃପକ୍ଷ ଅବଗତ ଥିବା ସତ୍ତ୍ୱେ ଏହାର ସମାଧାନ ଦିଗରେ ପଦକ୍ଷେପ ନେଉନାହାନ୍ତି। ତେଣୁ ଦୁର୍ଘଟଣାର ବଢୁଛି ବୋଲି ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି।

କାମାକ୍ଷାନଗରର ଏନ୍‌ଏସିର ହନୁମାନ ଛକ, ବସ୍‌ଷ୍ଟାଣ୍ଡ, ହସ୍ପିଟାଲ ସମେତ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଲାଗୋରୁ ସମସ୍ୟା ଜଟିଳ ରୂପ ଧାରଣ କରିଛି। ବିଭିନ୍ନ ସରକାରୀ, ବେସରକାରୀ କାର୍ଯ୍ୟାଳୟ ପରିସରରେ ସେମାନେ ଅବାଧ ପ୍ରବେଶ କରୁଛନ୍ତି। ରାସ୍ତାରେ ଦୀର୍ଘ ସମୟ ଧରି ଛିଡ଼ାହୋଇ ରହିବା କାରଣରୁ ଟ୍ରାଫିକ୍ ଜାମ୍ ହେଉଛି। ଆମ୍ବୁଲାନ୍ସ, ଅଗ୍ନିଶମ ଗାଡ଼ି ମଧ ଅଟକି ରହୁଛି। ଡାକ୍ତରଖାନାରେ ରୋଗୀ, ସମ୍ପର୍କୀୟ, ବସ୍‌ଷ୍ଟାଣ୍ଡରେ ଯାତ୍ରୀ ଏବଂ ବ୍ୟବସାୟିକ ପ୍ରତିଷ୍ଠାନରେ ଗ୍ରାହକମାନେ ସେମାନଙ୍କ ଦୌରାତ୍ମ୍ୟରୁ ବାଦ୍ ପଡୁନାହାନ୍ତି। ସ୍କୁଲ ଯିବା ସମୟରେ ଛାତ୍ରୀଛାତ୍ରମାନେ ମାରଣା ଷଣ୍ଢ ଆକ୍ରମଣରେ ଖଣ୍ଡିଆଖାବରା ହେଉଥିବା ନଜିର ରହିଛି। ସେହିପରି ରାତିରେ ବ୍ୟବସାୟିକ ପ୍ରତିଷ୍ଠାନ ବାରଣ୍ଡା, ସଡ଼କରେ ଶୋଇ ରହୁଥିବା ଗାଇ, ଷଣ୍ଢ ମଳମୂତ୍ର ତ୍ୟାଗ କରି ସମସ୍ୟା ବଢ଼ାଉଛନ୍ତି। ବାରମ୍ବାର ଦାବି ସତ୍ତ୍ୱେ ଗୋରୁଙ୍କୁ ଜବତ ଦିଗରେ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଏହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି।

ଏ ସମ୍ପର୍କରେ ଏନ୍‌ଏସି ନିର୍ବାହୀ ଅଧିକାରୀ ଯତିନ୍ଦ୍ର ନାଥ ମିଶ୍ର କୁହନ୍ତି, ଖାଲି କାମାକ୍ଷାନଗର ନୁହେଁ, ଅନେକ ସହରରେ ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳୁଛି। ଗୋରୁଙ୍କୁ ଜବତ କରିବା, କାଞ୍ଜିଆହୁଦାରେ ସେମାନଙ୍କ ଲାଗି ଆନୁଷଙ୍ଗିକ ବ୍ୟବସ୍ଥା କରିବା କଷ୍ଟକର ବ୍ୟାପାର। ଏଥିପାଇଁ ବଡ଼ ଜାଗା ମଧ ଦରକାର। ଆଗାମୀ ପରିଷଦ ବୈଠକରେ ଏଥିଲାଗି ପ୍ରସ୍ତାବ ଦିଆଯିବ। ସମସ୍ୟାର ସମାଧାନ ପାଇଁ ଆଲୋଚନା କରି ପଦକ୍ଷେପ ନିଆଯିବ।

### ବ୍ୟବସାୟ ପ୍ରଭାବିତ ହେଉଛି



ଦୋକାନ ସାମ୍ନାରେ ଗୋରୁ ପଲ ଡେରା ପକାଇ ରହୁଛନ୍ତି। ଗ୍ରାହକଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରୁଛନ୍ତି। ଫଳରେ ବ୍ୟବସାୟ ପ୍ରଭାବିତ ହେଉଛି।

**କ୍ଷୀରୋଦ ମହାନ୍ତି, ବ୍ୟବସାୟୀ**

### ଥାନାକୁ ଗଲାଣି ମାମଲା



ବୁଲା ଗୋରୁଙ୍କ ଆକ୍ରମଣରେ ସାଧାରଣ ଲୋକେ ଗୁରୁତର ହେଉଛନ୍ତି। ମାମଲା ଥାନା ପର୍ଯ୍ୟନ୍ତ ଗଲାଣି। ତଥାପି ପ୍ରଶାସନର ବୁଦ୍ଧି ପଶୁନାହିଁ।

**ସୂର୍ଯ୍ୟନାରାୟଣ ସାହୁ, ଓକିଲ ସଂଘର ପୂର୍ବତନ ଉପସଭାପତି**

## କାମାକ୍ଷାନଗରରେ ନାହିଁ କାଞ୍ଜିଆହୁଦା

ସହରାଞ୍ଚଳରେ ବୁଲାଗୋରୁଙ୍କୁ ଜବତ କରିବା ଲାଗି ଏନ୍‌ଏସି କର୍ତ୍ତୃପକ୍ଷଙ୍କୁ ସ୍ୱତନ୍ତ୍ର କ୍ଷମତା ଦିଆଯାଇଛି। ହେଲେ କାମାକ୍ଷାନଗରରେ ଏଥିଲାଗି ଅଦ୍ୟାବଧି ଏକ କାଞ୍ଜିଆହୁଦା ହୋଇ ନ ପାରିବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ସମସ୍ତ ଭିତ୍ତିଭୂମି ଥିବା ସତ୍ତ୍ୱେ ଏଭଳି ଏକ ଅତ୍ୟାବଶ୍ୟକ ବ୍ୟବସ୍ଥା କରାଯାଇ ନ ପାରିବା ଏନ୍‌ଏସି କର୍ତ୍ତୃପକ୍ଷଙ୍କ ବିଫଳତା ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି। ସେହିପରି ଗାଇ, ବଳଦଙ୍କୁ ଘରେ ରଖିବା ଲାଗି ମାଲିକଙ୍କୁ ସଚେତନ କରାଯାଉନାହିଁ କିମ୍ବା ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ମଧ ଗ୍ରହଣ କରାଯାଉନାହିଁ। ତେଣ ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି।

## ସହରରେ ୧୦୦ରୁ ଉର୍ଦ୍ଧ୍ୱ ଷଣ୍ଢ

ଗତ କିଛିବର୍ଷ ମଧ୍ୟରେ କାମାକ୍ଷାନଗରରେ ଷଣ୍ଢ ସଂଖ୍ୟା ଆଶାତୀତ ବଢ଼ିଛି। ସହରରେ ଏବେ ୧୦୦ରୁ ଉର୍ଦ୍ଧ୍ୱ ଅଛନ୍ତି। ଅନେକ ସମୟରେ ସୀମାକୁ ନେଇ ଷଣ୍ଢଙ୍କ ମଧ୍ୟରେ ସଂଘର୍ଷ ହେଉଛି। ଲଢ଼େଇ କରି ସେମାନେ କେତେବେଳେ ରାସ୍ତାପାର୍ଶ୍ୱ ଦୋକାନକୁ ଧସେଇ ପଶୁଛନ୍ତି ତ ଆଉ କେବେ ଯାନବାହନ ଭଙ୍ଗାରୁଜା କରୁଛନ୍ତି, ଯାହାର ପରିଣାମ ଭୋଗୁଛନ୍ତି ସାଧାରଣ ଜନତା। ତେବେ ଏଭଳି ଷଣ୍ଢ ସଂଖ୍ୟା ବଢ଼ିବା ପଛରେ ଗୋପାଳକମାନଙ୍କୁ ଦାୟୀ କରିଛନ୍ତି ସହରବାସୀ। ପୂର୍ବରୁ ଅଣ୍ଡିରା ବାଛୁରିକୁ ନିର୍ଦ୍ଧାରିତ ସମୟରେ ବନ୍ଧ୍ୟାକରଣ କରାଯାଇ ବଳଦ ଭାବେ କୃଷିକାର୍ଯ୍ୟରେ ବ୍ୟବହାର କରାଯାଉଥିଲା। ହେଲେ କଳ ଲଙ୍ଗଳରେ ଚାଷ ହେବା ପରେ କୃଷିକ୍ଷେତ୍ରରେ ବଳଦଙ୍କ ଚାହିଦା ଅପେକ୍ଷାକୃତ କମିଗଲାଣି। ତେଣୁ କ୍ଷୀର ଛାଡ଼ିବା ପରେ ଗୋପାଳକମାନେ ଅଣ୍ଡିରା ବାଛୁରିଙ୍କୁ ପଦାରେ ଛାଡ଼ି ଦେଉଛନ୍ତି। ବନ୍ଧ୍ୟାକରଣ ହେଉ ନ ଥିବାରୁ ସେମାନେ ଅଧିକ ଉଗ୍ର ଆଚରଣ ପ୍ରଦର୍ଶନ କରୁଥିବା ଜଣାପଡ଼ିଛି।

### ଧର୍ମୀୟ ବିଶ୍ୱାସ ବନ୍ଧ୍ୟାକରଣରେ ବାଧକ



ଧର୍ମୀୟ ବିଶ୍ୱାସ ଷଣ୍ଢଙ୍କ ବନ୍ଧ୍ୟାକରଣରେ ବାଧକ ସାଜୁଛି। ଏଭଳି ଦେଶୀ ଷଣ୍ଢଙ୍କଠାରୁ ମିଳନରୁ ଯେଉଁ ବାଛୁରି ଜନ୍ମ ହେଉଛନ୍ତି, ସେମାନଙ୍କ ମଧ୍ୟରୁ ଅଧିକାଂଶ ରୋଗଣା। ଲୋକମାନେ କ୍ଷୀର ପାଇଁ ଜର୍ସି ଭଳି ଦୁଧିଆଳି ଗାଇ ରଖୁଥିବାବେଳେ ସେମାନଙ୍କଠାରୁ ଜନ୍ମିତ ଅଣ୍ଡିରା ବାଛୁରି ଚାଷ କାର୍ଯ୍ୟରେ ଦୁର୍ବଳ। ତେଣୁ ଗୋପାଳକମାନେ ଏଭଳି ବାଛୁରିଙ୍କୁ କ୍ଷୀର ଛାଡ଼ିବା ପରେ ପଦାରେ ଛାଡ଼ି ଦେଉଛନ୍ତି। ତେଣୁ ଷଣ୍ଢଙ୍କ ସଂଖ୍ୟା ବୃଦ୍ଧି ପାଉଛି। ହିନ୍ଦୋଳ ବ୍ଲକ ବାବନ୍ଧରେ ଥିବା ଗୋ-ଶାଳାରେ ଆବଶ୍ୟକ ଭିତ୍ତିଭୂମି ଏବଂ କର୍ମଚାରୀଙ୍କ ଅଭାବ ରହିଛି। ତେଣୁ ସେଠାରେ ଷଣ୍ଢ ନେଇ ଥଇଥାନ କରାଯିବା ସମ୍ଭବପର ହେଉନାହିଁ।

**-ଡା. ଉଦୟନାଥ ମହାଲିକ, ପ୍ରାଣୀଧନ ଚିକିତ୍ସାଧିକାରୀ, କାମାକ୍ଷାନଗର**

# ଲୋକପାଳ ବାରିଲେ ଦୁର୍ନୀତି ଗନ୍ଧ

ପରଜଙ୍ଗ, ୨୦।୭ (ନିଗମାନନ୍ଦ ଦଳବେହେରା)

### ପୋଖରୀ ଖନନରେ ଅନିୟମିତତାର ତଦନ୍ତ

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କଙ୍କିଳି ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ପୋଖରୀ ଖନନରେ ହୋଇଥିବା ଅନିୟମିତତା ଅଭିଯୋଗର ତଦନ୍ତ ଗୁରୁବାରଠାରୁ ଆରମ୍ଭ ହୋଇଛି। କ୍ଷେତ୍ର ପରିଦର୍ଶନ ଏବଂ କାଗଜପତ୍ର ଯାଞ୍ଚରୁ ଏହି କାର୍ଯ୍ୟରେ ଦୁର୍ନୀତିର ଗନ୍ଧ ବାରିଛନ୍ତି ଲୋକପାଳ ଅମରେନ୍ଦ୍ର କୁମାର ମଲ୍ଲ। ଏଥିରେ ସେ ବିରକ୍ତି ପ୍ରକାଶ କରିବା ସହ ଆଉଥରେ ପୋଖରୀ ଖନନ କରିବାକୁ ସରପଞ୍ଚଙ୍କୁ ତାଗିଦା କରିଛନ୍ତି।

ଅଭିଯୋଗ ଅନୁଯାୟୀ, କଙ୍କିଳି ପଞ୍ଚାୟତରେ ୨୦୨୨-୨୩ ଆର୍ଥିକ ବର୍ଷରେ ମାହାଳା ପୋଖରୀ ଖନନ ଲାଗି ପ୍ରସ୍ତାବ ରହିଥିଲା। ତେବେ ଠିକାଦାର ତଥା ସ୍ଥାନୀୟ ସରପଞ୍ଚ ମକରଚାନ୍ଦ ସାହୁ ରାତି ଅଧିଆ ମେଶିନ ସହାୟତାରେ କାମ କରି ୪ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହଡ଼ପ କରିଥିବା ଲୋକପାଳଙ୍କ ନିକଟରେ ଗ୍ରାମବାସୀ ଅଭିଯୋଗ କରିଥିଲେ। ଲୋକପାଳ ମଲ୍ଲ ଗୁରୁବାର ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି କାଗଜପତ୍ର ଯାଞ୍ଚ କରିବା ସହ ପୋଖରୀ ଖନନ ସ୍ଥଳ ପରିଦର୍ଶନ କରିଥିଲେ। ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଲୋକପାଳ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ଲୋଡ଼ିବା ଲାଗି ସରପଞ୍ଚଙ୍କ ମୋବାଇଲ ନମ୍ବର ୯୯୩୮୧୩୫୮୯୨ରେ ଯୋଗାଯୋଗ କରାଯାଇଥିଲେ ମଧ ସେ ଫୋନ୍ ଉଠାଇ ନ ଥିଲେ।



ଲୋକପାଳ ଅମରେନ୍ଦ୍ର କୁମାର ମଲ୍ଲ ଘଟଣାସ୍ଥଳରେ ତଦନ୍ତ କରୁଛନ୍ତି।

# ଭାଙ୍ଗିଲା ପାର୍କ ପାଚେରି, ଭାସିଲା ବଜାର



କାନପୁରା ଗ୍ରାମୀଣ ପାର୍କର ପାଚେରି ଭାଙ୍ଗିଯାଇଛି।



ବଜାରରେ ନର୍ଦ୍ଦମା ପାଣି ଜମି ରହିଛି।

କାମାକ୍ଷାନଗର, ୨୦।୭(ସୁଧୀର ପରିଡ଼ା)

### ଲଗାଣ ବର୍ଷାରେ ଅବ୍ୟବସ୍ଥା ଜଳଜଳ

ଲଘୁଚାପଜନିତ ଲଗାଣବର୍ଷାରେ ପଦାରେ ପଡ଼ିଛି ଅବ୍ୟବସ୍ଥା। କେଉଁଠି ନିର୍ମାଣାଧୀନ ପାର୍କ ପାଚେରି ଭାଙ୍ଗିପଡ଼ିଛି ତ ଅନ୍ୟ କେଉଁଠି ନର୍ଦ୍ଦମା ପାଣି ସୁଅରେ ବେହାଲ ହୋଇଛି ଜୀବନଯାତ୍ରା। ବିକାଶମୂଳକ କାର୍ଯ୍ୟରେ ଦୁର୍ନୀତି ଏବଂ ବର୍ଷ ବର୍ଷ ଧରି ଡ୍ରେନେଜ୍ ବ୍ୟବସ୍ଥାରେ ସୁଧାର ଆସିପାରୁ ନ ଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା କାମାକ୍ଷାନଗର ଅଞ୍ଚଳର ବୁଦ୍ଧିଜୀବୀ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ, ସହର ଉପକଣ୍ଠ କାନପୁରାରେ ସାଢ଼େ ୩ କୋଟି ଟଙ୍କା ବ୍ୟୟ ଅଟକଳରେ ଗ୍ରାମୀଣ ଉଦ୍ୟାନ କାର୍ଯ୍ୟ ଜାରି ରହିଛି। ପ୍ରଥମ ପର୍ଯ୍ୟାୟରେ ପାଚେରି ନିର୍ମାଣ ଲାଗି ପ୍ରାୟ ୪୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ତେବେ ନିୟମ ଅନୁଯାୟୀ କାମ ହେଉ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରି ଆସୁଥିଲେ, ଯାହାକୁ ବିଭାଗୀୟ ଅଧିକାରୀ ଗୁରୁତ୍ୱ ଦେଇ ନ ଥିଲେ। ଫଳରେ ଲଗାଣ ବର୍ଷାରେ ଗୁରୁବାର ପ୍ରାୟ ୩୫ ମିଟର ପାଚେରି ଭୁଶୁଡ଼ି ପଡ଼ିଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବା ସହ କାମ କରୁଥିବା ଠିକାଦାରଙ୍କଠାରୁ କ୍ଷତିଭରଣା କରିବା ଲାଗି ସାଧାରଣରେ ଦାବି ହୋଇଛି। ଏ ନେଇ ଯନ୍ତ୍ରୀ ରଶ୍ମିତା ମଞ୍ଜରୀ ପ୍ରଧାନ କୁହନ୍ତି, ସେ କାର୍ଯ୍ୟରେ ଯୋଗଦେବା ପୂର୍ବରୁ ପାଚେରି ନିର୍ମାଣ ହୋଇଛି। ପାଚେରି ଭାଙ୍ଗିବା ନଜରକୁ ଆସିଛି। ଏହାର ପୁନଃନିର୍ମାଣ ଲାଗି କାର୍ଯ୍ୟ କରିଥିବା ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯିବ।

ଅପରପକ୍ଷେ ବର୍ଷାରେ ଡ୍ରେନ୍ ଉଚ୍ଛୁଳିବାରୁ କାମାକ୍ଷାନଗର ବଜାରରେ ଆଣ୍ଠୁଏ ଉଚ୍ଚରେ ନର୍ଦ୍ଦମା ପାଣିର ସୁଅ ଛୁଟିଥିଲା। ମୁଣ୍ଡିଦେଉଳି ବଜାର, ଲକ୍ଷ୍ମୀ ବଜାର, ଜଗନ୍ନାଥ ବଜାର ଅଞ୍ଚଳରେ ରାସ୍ତା ଉପରେ ଆବର୍ଜନା ଜଳ ଲହଡ଼ି ମାରିଥିଲା। ସୂଚନାଯୋଗ୍ୟ, ପୂର୍ତ୍ତ ବିଭାଗ ପକ୍ଷରୁ ଠିକାସଂସ୍ଥା ଜରିଆରେ ଆଳତୁମାରୁ ଜିରିଡ଼ାମାଳି ବାଇପାସ୍ ଯାଏ ସହର ଦୁଇପାର୍ଶ୍ୱରେ ଡ୍ରେନ୍ ନିର୍ମାଣ କରାଯାଉଛି। ବର୍ଷାପୂର୍ବରୁ ଏହି କାମ ଶେଷ କରିବାକୁ ତତ୍କାଳୀନ ଉପଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ହେଲେ କାମରେ ମନ୍ଥରତା ଯୋଗୁ ଏହା ଶେଷ ହୋଇପାରୁନାହିଁ। ତେଣୁ ଉପରମୁଣ୍ଡରୁ ଆସୁଥିବା ବର୍ଷାପାଣି ପ୍ରମୁଖ ବଜାର ଗୁଡ଼ିକୁ ଜଳାର୍ଣ୍ଣବ କରୁଛି। ବ୍ୟବସାୟୀମାନେ ଦୋକାନ ଖୋଲିପାରୁନାହାନ୍ତି। ପୂର୍ତ୍ତ ବିଭାଗ ଅଧିକାରୀ ଏହାର ସମୀକ୍ଷା କରି ତୁରନ୍ତ କାର୍ଯ୍ୟ ଶେଷ କରିବା ଲାଗି ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।



ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ଝାଡ଼ବନ୍ଧସ୍ଥିତ ରୁଙ୍ଗଟା ମାଇନ୍ସ ଷ୍ଟିଲ୍ ପ୍ଲାଣ୍ଟରେ ଗୁରୁବାର ମଧ୍ୟାହ୍ନରେ ବିସ୍ଫୋରଣ ଘଟିବା ପରେ କମ୍ପାନୀ ପରିସରରେ ହୋଇଥିବା କ୍ଷୟକ୍ଷତି।



ଦୁର୍ଘଟଣା ପରେ ହିନ୍ଦୋଳ ଉପଜିଲାପାଳ ଶିବାନନ୍ଦ ସ୍ୱାଇଁ, ତହସିଲଦାର ସୁଶାନ୍ତ ମିଶ୍ରଙ୍କ ସମେତ ଅନ୍ୟ ଅଧିକାରୀମାନେ କାରଖାନା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ସ୍ଥିତି ସମୀକ୍ଷା କରୁଛନ୍ତି।

## ସଂକ୍ଷେପରେ

### ଆଜି ନେପୁର ଗଣବିକ୍ଷୋଭ

**ବଅଁରପାଳ,୨୦ା୭(ଉପେନ୍ଦ୍ର ରାଉତ):** ନାଲ୍‌କୋ କର୍ତ୍ତୃପକ୍ଷଙ୍କ ଶ୍ରମିକମାରଣ ନୀତିକୁ ନାଲ୍‌କୋ ପ୍ରୋଗ୍ରେଶିଭ ଏମ୍ପ୍ଲୟିଜ ୟୁନିୟନ (ନେପୁ) ଦୃଢ଼ ବିରୋଧ କରିଛି। ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ଓ ସେମାନଙ୍କ ନ୍ୟାଯ୍ୟ ଦାବି ସହ ୧୫ ଦଫା ଦାବି ନେଇ ଶୁକ୍ରବାର ନାଲ୍‌କୋ ଭୁବନେଶ୍ୱରସ୍ଥିତ କର୍ପୋରେଟ କାର୍ଯ୍ୟାଳୟରେ ନେପୁ ପକ୍ଷରୁ ଗଣବିକ୍ଷୋଭ କରାଯିବ। ୨୦୧୭ ଠାରୁ ଆଜି ପର୍ଯ୍ୟନ୍ତ କର୍ମଚାରୀଙ୍କୁ ଇନସେନଟିଭ ରିଭିଜନ ପ୍ରାପ୍ୟ ମିଳୁନାହିଁ। ଏହାର ପ୍ରତିବାଦରେ ଗତ ମେ ୨୦ରେ ନାଲ୍‌କୋ ପ୍ରଶାସନିକ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ତେବେ ନ୍ୟାଯ୍ୟ ଦାବି ପୂରଣ ନ ହେବାରୁ ନେପୁ ପକ୍ଷରୁ ଭୁବନେଶ୍ୱରଠାରେ ଗଣବିକ୍ଷୋଭ କରାଯିବ। ନେପୁ ସଭାପତି ତଥା ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ଓ ସାଧାରଣ ସମ୍ପାଦକ ବୈରାଗୀ ସେଠଙ୍କ ନେତୃତ୍ୱରେ ଏହି ବିକ୍ଷୋଭ ଅନୁଷ୍ଠିତ ହେବ। ଏଥିରେ ବହୁ କର୍ମକର୍ତ୍ତା ଯୋଗଦେବାର କାର୍ଯ୍ୟସୂଚୀ ରହିଛି।

# ପ୍ରସବ ନ କରାଇ ଡିସ୍‌ଚାର୍ଜ

**ଅନୁଗୋଳ, ୨୦ା୭**
**(ଅମିତ କୁମାର ସାମଲ)**

- ଜିଲା ମୁଖ୍ୟ ଚିକିତ୍ସାଳୟରେ ଗର୍ଭବତୀଙ୍କୁ ଅବହେଳା ଅଭିଯୋଗ
- ଗର୍ଭସ୍ଥ ଶିଶୁର ମୃତ୍ୟୁ ହୋଇଥିବା କହିଲେ ପରିବାର ଲୋକେ
- ଘରୋଇ ହସ୍ପିଟାଲକୁ ନେବା ପରେ ହେଲା ଅପରେଶନ

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ଗର୍ଭବତୀଙ୍କ ଚିକିତ୍ସାରେ ଗୁରୁତର ଅବହେଳା କରାଯାଇଥିବା ଅଭିଯୋଗ ହୋଇଛି। ଏହି କାରଣରୁ ଗର୍ଭସ୍ଥ ଶିଶୁର ମୃତ୍ୟୁ ହୋଇଥିବା ବେଳେ ଅପରେଶନ କରିବାକୁ ବାରମ୍ବାର କହିବାରୁ ଗର୍ଭବତୀଙ୍କୁ ଡିସ୍‌ଚାର୍ଜ କରିଦିଆଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଶେଷରେ ସହରର ଏକ ଘରୋଇ ହସ୍ପିଟାଲରେ ଗର୍ଭବତୀଙ୍କ ଅପରେଶନ କରାଯାଇଥିବା ସୂଚନା ମିଳିଛି।

ଅଭିଯୋଗରୁ ପ୍ରକାଶ ଯେ, ହଣ୍ଡପା ଥାନା ବିଲେଇନାଳୀ ପଞ୍ଚାୟତ ଭେଜିଗୋଠ ଗ୍ରାମର ମମତା ସାହୁଙ୍କ ମଙ୍ଗଳବାର ପ୍ରସବ ଯନ୍ତ୍ରଣା ହେବାରୁ ତାଙ୍କୁ ପରିବାର ଲୋକେ ପ୍ରଥମେ ବଇଣ୍ଡା ମେଡିକାଲକୁ ଚିକିତ୍ସା ପାଇଁ ଆଣିଥିଲେ। ସେଠାରୁ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଥିଲା। ହେଲେ ଜିଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦିଆଯାଇ ନ ଥିଲା। ଏପରି କି ମମତା ଯନ୍ତ୍ରଣାରେ ଛଟପଟ ହେଉଥିଲେ ମଧ୍ୟ ଡ୍ୟୁଟିରେ ଥିବା କର୍ମଚାରୀମାନେ ଅଣଦେଖା କରିଥିଲେ। ଫଳରେ ଗୁରୁବାର ସକାଳେ ଗର୍ଭସ୍ଥ ଶିଶୁର ମୃତ୍ୟୁ ହୋଇଯାଇଥିଲା। ଅପରେଶନ ମାଧ୍ୟମରେ ମୃତ ଶିଶୁକୁ ବାହାର କରିବାକୁ ମମତାଙ୍କ ଶାଶୁ ମଞ୍ଜୁଲତା ଅନୁରୋଧ କରିଥିଲେ ମଧ୍ୟ କେହି ଗୁରୁତ୍ୱ ଦେଇ ନ ଥିଲେ। ୪୮ ଘଣ୍ଟା ପରେ ଅପରେଶନ କରାଯିବ ବୋଲି ସେଠାରେ ଥିବା କର୍ମଚାରୀ କହିଥିଲେ। କିନ୍ତୁ ମମତାଙ୍କ ଶାଶୁ ଅପରେଶନ ପାଇଁ ଜିଦ୍ କରିବାରୁ ମେଡିକାଲ କର୍ତ୍ତୃପକ୍ଷ ରୋଗୀଙ୍କୁ ଡିସଚାର୍ଜ କରିଦେଇଥିଲେ। ଫଳରେ ସେ ବୋହୂଙ୍କୁ ନେଇ ଏକ ଘରୋଇ ମେଡିକାଲରେ ଅପରେଶନ କରିଥିବା ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ତ୍ରିଲୋଚନ ପ୍ରଧାନ କହିଛନ୍ତି, ଏ ନେଇ ଅବଗତ ନାହିଁ। ତଥାପି କ'ଣ ହୋଇଛି ତାହାର ଅନୁଧ୍ୟାନ କରାଯିବ।



ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ।

# ଜେଏସ୍‌ପି ଫାଉଣ୍ଡେଶନର ମେଧାବୃତ୍ତି ଘୋଷଣା

**ଅନୁଗୋଳ,୨୦ା୭**
**(ଅମିତ କୁମାର ସାମଲ)**

ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି) ପ୍ରତିଷ୍ଠାତା ଓମ୍‌ପ୍ରକାଶ ଜିନ୍ଦଲଙ୍କ ସ୍ମୃତିରେ ଫାଉଣ୍ଡେଶନ ତରଫରୁ ଆର୍ଥିକ ଅନଗ୍ରସର ବର୍ଗର ମେଧାବୀ ଛାତ୍ରୀଛାତ୍ରମାନଙ୍କ ପାଇଁ ଓପି ଜିନ୍ଦଲ ଷ୍ଟାର ଏବଂ ଓପି ଜିନ୍ଦଲ ଜୁଏଲ ମେଧାବୃତ୍ତି ଘୋଷଣା କରାଯାଇଛି। ଚଳିତବର୍ଷ ୨୧ ଜଣଙ୍କୁ ଜୁଏଲ ଏବଂ ୫୦ ଜଣଙ୍କୁ ଓପି ଜିନ୍ଦଲ ଷ୍ଟାର ମେଧାବୃତ୍ତି ପ୍ରଦାନ କରାଯିବ। ୧୦ମ ଶ୍ରେଣୀ ପାସ କରି +୨ ପ୍ରଥମ ବର୍ଷ (ବିଜ୍ଞାନ)ରେ ଅଧ୍ୟୟନ କରୁଥିବା ୩୦ ଜଣଙ୍କୁ ଓପି ଜିନ୍ଦଲ ଷ୍ଟାର ମେଧା ବୃତ୍ତି ପ୍ରଦାନ କରାଯିବ। ସେହିପରି +୨(ବିଜ୍ଞାନ) ପାସ କରି ଇଞ୍ଜିନିୟରିଂ କିମ୍ବା ମେଡିକାଲ ଏବଂ ଆଇନ ଭଳି ସ୍ନାତକୋତ୍ତର ପାଠ୍ୟକ୍ରମରେ ଅଧ୍ୟୟନରତ ଥିବା ପ୍ରଥମ ବର୍ଷର ୯ ଜଣଙ୍କୁ ଓପି ଜିନ୍ଦଲ ଜୁଏଲ ମେଧା ବୃତ୍ତି ପ୍ରଦାନ କରାଯିବ। ଫାଉଣ୍ଡେଶନ ପକ୍ଷରୁ ନିର୍ଦ୍ଧାରିତ ସର୍ତ୍ତ ପୂରଣ କରୁଥିବା ଛାତ୍ରୀଛାତ୍ରଙ୍କୁ ଯୋଗ୍ୟତା ଆଧାରରେ ଏହି ମେଧା ବୃତ୍ତି ପ୍ରଦାନ କରାଯିବ। ଏଥିପାଇଁ ୧୫ ସେପ୍ଟେମ୍ବର ୨୦୨୩ ସୁଦ୍ଧା ଆବେଦନ ଦାଖଲ କରିହେବ। ଇଚ୍ଛୁକ ଛାତ୍ରୀଛାତ୍ରମାନେ ଅଧିକ ବିବରଣୀ ନିମନ୍ତେ ଜେଏସ୍‌ପି ସିଏସ୍‌ଆର୍ ବିଭାଗ ଅଧିକାରୀ ତାପସ ମହାନ୍ତିଙ୍କୁ ଯୋଗାଯୋଗ କରିପାରିବେ।



ଓମ୍‌ପ୍ରକାଶ ଜିନ୍ଦଲ।

# ଅସ୍ଥାୟୀ ଚାଳକଙ୍କୁ ସ୍ଥାୟୀ କରାଯାଉ

**ଅନୁଗୋଳ,୨୦ା୭**
**(ଅମିତ କୁମାର ସାମଲ)**

ଓଡ଼ିଶା ସରକାରୀ ମୋଟର କର୍ମଚାରୀ ସଂଘ ଅନୁଗୋଳ ଜିଲା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳ(ରାଜସ୍ୱ)ଙ୍କୁ ପ୍ରଦାନ କରାଯାଇଛି। ସଂଘ ସଭାପତି ନବୀନ ଷେଣ୍ଡ ଓ ସମ୍ପାଦକ ଦିଲୀପ କୁମାର ସେଠଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲାର ଅସ୍ଥାୟୀ ସରକାରୀ ଗାଡ଼ି ଚାଳକମାନଙ୍କୁ ସ୍ଥାୟୀ ଭାବେ ନିଯୁକ୍ତି ଦେବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏଥିସହ ଦୀର୍ଘବର୍ଷ ହେବ ବିଭିନ୍ନ ବିଭାଗରେ ଗାଡ଼ି ଚାଳକ ଭାବେ କାର୍ଯ୍ୟ କରୁଥିଲେ ମଧ୍ୟ ସେମାନଙ୍କୁ ସରକାରୀ ସୁବିଧା ମିଳୁନାହିଁ। ଫଳରେ ସ୍ୱଳ୍ପ ଦରମାରେ ଗାଡି ଚାଳକଙ୍କ ପରିବାର ପ୍ରତିପୋଷଣ କରିବା ମଧ୍ୟ କଷ୍ଟକର ହୋଇପଡୁଛି। ପିଲାଙ୍କୁ ଉଚ୍ଚଶିକ୍ଷା ଦେବାରେ ସେମାନେ ଅସମର୍ଥ ହେଉଛନ୍ତି। କୋଭିଡ୍ ଭଳି ମହାମାରୀ ସମୟରେ ଜୀବନକୁ ବାଜି ଲଗାଇ ଡ୍ରାଇଭରମାନେ ନିରବଚ୍ଛିନ୍ନ ସେବା ଯୋଗାଇଛନ୍ତି। ତେଣୁ ଅସ୍ଥାୟୀ ଚଳକମାନଙ୍କୁ ସ୍ଥାୟୀ କରାଯିବା ସହ ସରକାରୀ ସୁବିଧା ଯୋଗାଇଦେବାକୁ ସଂଘ ପକ୍ଷରୁ ଦାବି କରାଯାଇଛି।



ଓଡ଼ିଶା ସରକାରୀ ମୋଟର କର୍ମଚାରୀ ସଂଘ ଅନୁଗୋଳ ଜିଲା ଶାଖା କର୍ମକର୍ତ୍ତାମାନେ ଦାବିପତ୍ର ପ୍ରଦାନ କରିବାକୁ ଆସିଛନ୍ତି।

# ଗ୍ରାମେଶ୍ୱରୀ ପୀଠରେ ତାଳନୂଆଁ ପର୍ବ

**ବଅଁରପାଳ,୨୦ା୭**
**(ଉପେନ୍ଦ୍ର ରାଉତ)**

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ଗଡ଼ସନ୍ତ୍ରୀ ଓ ତୁଳସୀପାଳରେ ଥିବା ମା' ଗ୍ରାମେଶ୍ୱରୀଙ୍କ ପୀଠରେ ତାଳନୂଆଁ ପର୍ବ ପାଳିତ ହୋଇଯାଇଛି। ପରମ୍ପରା ଅନୁଯାୟୀ ପୀଠରେ ବିଧି ପୂର୍ବକ ପୂଜାର୍ଚ୍ଚନା କରାଯାଇଥିଲା। ପୂଜା ସମୟରେ ଢୋଲ ବାଦ୍ୟରେ ଗ୍ରାମ ପରିବେଶ ପ୍ରକମ୍ପିତ ହୋଇଉଠିଥିଲା। ପୂଜା ସହ ହୋମଯଜ୍ଞ ଓ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଟ୍ରଷ୍ଟ ବୋର୍ଡ ସଭାପତି ସୁନୀଲ ମାଝି ଓ ସମ୍ପାଦକ ଭଜମନ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପୂଜା ହୋଇଥିଲା। ଏଥିରେ ତୁଳସୀପାଳ ଓ ଗଡ଼ସନ୍ତ୍ରୀ ଗ୍ରାମର ଲୋକେ ସହାୟତା କରିଥିଲେ।

# ନାଲ୍‌କୋ ସିପିପିର ୪ ୟୁନିଟ୍ ବନ୍ଦ

**ବଅଁରପାଳ,୨୦ା୭(ଉପେନ୍ଦ୍ର ରାଉତ)**

ତାଳଚେର ସୁରକ୍ଷା ମଞ୍ଚ ଦ୍ୱାରା ଆହୂତ ଧର୍ମଘଟ ଯୋଗୁ ନାଲ୍‌କୋର ଲାଇଫ ଲାଇନ କୁହାଯାଉଥିବା ଲିନ୍ଦ୍ୱସ୍ଲରି ପ୍ରୋଜେକ୍ଟ ଯୋଗେ ପାଉଁଶ ନିଷ୍କାସନ କାର୍ଯ୍ୟ ବନ୍ଦ ରହିଛି। ଏହାର ପ୍ରଭାବ ନାଲ୍‌କୋ ତାପଜ ବିଦ୍ୟୁତ୍ କେନ୍ଦ୍ର ବା ସିପିପି ଉପରେ ପଡୁଛି। ପାଉଁଶ ନିଷ୍କାସନ ହୋଇପାରୁ ନ ଥିବାରୁ ସିପିପିରେ ଥିବା ୧୦ଟି ବିଦ୍ୟୁତ୍ ଉତ୍ପାଦନ ୟୁନିଟ୍ ମଧ୍ୟରୁ ୪କୁ ବନ୍ଦ ରଖାଯାଇଛି। ଏହାସହିତ ଏମ୍‌ସିଏଲ୍‌ରୁ ରେଳ ଯୋଗେ ଏମ୍‌ଜିଆର୍ ମାଧ୍ୟମରେ ନାଲ୍‌କୋକୁ କୋଇଲା ଯୋଗାଣ ମଧ୍ୟ ଧର୍ମଘଟ ଯୋଗୁ ସପ୍ତାହେ ହେଲା ବନ୍ଦ ରହିଛି। ଏହି ଅଚଳାବସ୍ଥା ଯୋଗୁ ସିପିପିରେ ମୋଟ ୫୫୦ ମେଗାୱାଟ ପାୱାର ଉତ୍ପାଦନ ହୋଇପାରୁଛି। ବିଦ୍ୟୁତ୍ ନିଅଣ୍ଟ ଭରଣା କରିବା ପାଇଁ ନାଲ୍‌କୋ ରାଜ୍ୟ ଗ୍ରୀଡରୁ ଦୈନିକ ୩୦୦ ମେଗାୱାଟ ବିଦ୍ୟୁତ୍ କ୍ରୟ କରୁଛି। ନାଲ୍‌କୋର ଏହି ସମସ୍ୟା ଦୂର କରିବା ପାଇଁ ନାଲ୍‌କୋ ଶ୍ରମିକ କଂଗ୍ରେସ ୟୁନିୟନ ସାଧାରଣ ସମ୍ପାଦକ ବିଭବ ଜେନା ପତ୍ର ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ସମ୍ପର୍କରେ ନାଲ୍‌କୋ ଇଡି ଅମୀୟ ସ୍ୱାଇଁ କହିଛନ୍ତି, ତାଳଚେରଠାରେ ଲୋକେ ଆନ୍ଦୋଳନ କରିଥିବାରୁ ନାଲ୍‌କୋରେ ସମସ୍ୟା ଉପୁଜିଛି। ପାଉଁଶ ନିଷ୍କାସନରେ ଅସୁବିଧା ହେତୁ ସିପିପର ୪ଟି ୟୁନିଟ୍ ବନ୍ଦ କରାଯାଇଛି। ବର୍ତ୍ତମାନ ଉତ୍ପାଦକ ନିର୍ଦ୍ଦେଶକ ଆସି ଏହାର ସମୀକ୍ଷା କରୁଛନ୍ତି।



# କେନାଲ ଜାଗା ଜବରଦଖଲ

**ବଅଁରପାଳ,୨୦ା୭(ଉପେନ୍ଦ୍ର ରାଉତ)**

### ଚାଷୀଙ୍କ ଭିତରେ ବଢୁଛି ଅସନ୍ତୋଷ

ଅନୁଗୋଳ ଜିଲା ଡେରେଜାଙ୍ଗ ପ୍ରକଳ୍ପରୁ ବାହାରି ନାଲ୍‌କୋ ଅଞ୍ଚଳକୁ ଆସିଥିବା ଏକ କେନାଲ ପାର୍ଶ୍ୱକୁ ଏଫ୍‌ସିଆଇ ଛକଠାରୁ ଗିରାଙ୍ଗ ମଧ୍ୟରେ କେତେଜଣ ବ୍ୟକ୍ତି ଜବରଦଖଲ କରିଛନ୍ତି। ଫଳରେ ନାଳ ସଂକୀର୍ଣ୍ଣ ହୋଇଯାଉଥିବାରୁ ଏହାକୁ ନେଇ ଚାଷୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ପ୍ରକାଶ ଯେ, ଏହି କେନାଲ ଉପରେ ନାଲ୍‌କୋ, ବଳରାମପ୍ରସାଦ, ଭୋଗବେରେଣି, କେନ୍ଦୁପଲି ଆଦି ଅଞ୍ଚଳର ସହସ୍ରାଧିକ ଚାଷୀ ନିର୍ଭର କରନ୍ତି। ମାତ୍ର ଉକ୍ତ କେନାଲ ପାର୍ଶ୍ୱକୁ କେତେଜଣ ଅସାଧୁ ବ୍ୟକ୍ତି ଜବରଦଖଲ କରିଛନ୍ତି। ସେମାନେ ରାସ୍ତା ପାର୍ଶ୍ୱରେ କେନାଲକୁ ଲଗାଇ ବହୁ ସ୍ଥାୟୀ ଘର ନିର୍ମାଣ କରିବା ସହ ବେଆଇନ ଭାବେ ଦୋକାନ ଘର କରି ଭଡାସୂତ୍ରରେ ଦେଇଛନ୍ତି। ଉକ୍ତ ଭଡ଼ାଘରେ ଢାବା, ଜଳଖିଆ ଦୋକାନ, ପାନ ଦୋକାନ, ପୂଜା ସାମଗ୍ରୀ, ପରିବା, ଫଳ ଓ ଫାଷ୍ଟଫୁଡ୍ ଦୋକାନମାନ ଖୋଲାଯାଇଥିବାରୁ ବାହାରୁଥିବା ଅଳିଆ ଆବର୍ଜନା ସବୁକୁ କେନାଲରେ ପକାଯାଉଛି। ଫଳରେ ନାଳ ପୋତିହୋଇ ଯାଉଥିବାରୁ ପ୍ରବାହିତ ପାଣି ଶେଷମୁଣ୍ଡକୁ ଯାଇପାରୁ ନାହିଁ। ଏଥିଯୋଗୁ ଚାଷ ଜମିକୁ ପାଣି ଠିକ୍ ଭାବେ ମାଡ଼ିପାରୁ ନାହିଁ। ସେହିପରି କେନାଲ ପାର୍ଶ୍ୱ ଜବରଦଖଲ ଯୋଗୁ ଉକ୍ତ ରାସ୍ତାରେ ଭିଡ଼ ପରିଲକ୍ଷିତ ହେଉଛି। ଏଥିପାଇଁ ଅନେକ ସମୟରେ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି। ତେଣୁ ଜିଲା ପ୍ରଶାସନ ଓ ଜଳସେଚନ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଡେରେଜାଙ୍ଗ ଜଳସେଚନ ବିଭାଗ କନିଷ୍ଠ ଯନ୍ତ୍ରୀ ଜେ. ମୁର୍ମୁ କହିଛନ୍ତି, କେନାଲ ଜମିକୁ ବହୁ ଲୋକ ଜବରଦଖଲ କରି ଦୋକାନ ଘର କରିଥିବା ଅଭିଯୋଗ ଆସିଛି। ସରକାରୀ ନିୟମ ଅନୁଯାୟୀ ଖୁବ୍‌ଶୀଘ୍ର ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ୫-ଟି ସଚିବ ପଠାଇଥିବା କ୍ରୀଡ଼ା ଉପକରଣ ପ୍ରଦାନ



କ୍ରୀଡ଼ା ଉପକରଣ ପ୍ରଦାନ ଅବସରରେ ଜିଲାପାଳ, ଉପଜିଲାପାଳ, ଅତିରିକ୍ତ ଜିଲାପାଳ, ପ୍ରଧାନଶିକ୍ଷୟିତ୍ରୀଙ୍କ ସମେତ ଛାତ୍ରମାନେ।

**ଅନୁଗୋଳ, ୨୦ା୭**
**(ଅମିତ କୁମାର ସାମଲ)**

ରାଜ୍ୟ ସରକାରଙ୍କ ୫-ଟି ସଚିବ ଭି.କେ. ପାଣ୍ଡିଆନ ଅନୁଗୋଳ ଜିଲା ଖଲାରୀ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରଙ୍କ ପାଇଁ ପଠାଇଥିବା କ୍ରୀଡ଼ା ଉପକରଣକୁ ଗୁରୁବାର ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଛାତ୍ରମାନଙ୍କୁ ପ୍ରଦାନ କରିଛନ୍ତି।

ପ୍ରକାଶ ଯେ, ୫-ଟି ସଚିବ ଗତ ୧୦ ଓ ୧୧ ତାରିଖରେ ଅନୁଗୋଳ ଜିଲା ଗସ୍ତରେ ଆସିଥିବା ବେଳେ ଖଲାରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଏହି ଅବସରରେ ସଚିବ ବିଦ୍ୟାଳୟ ସମ୍ମୁଖ ବାସ୍କେଟବଲ କୋର୍ଟରେ ଛାତ୍ରମାନଙ୍କ ସହିତ ବାସ୍କେଟ ବଲ ଖେଳିବା ସହ ଉକ୍ତ କ୍ରୀଡ଼ା ସମ୍ବନ୍ଧୀୟ ବିଭିନ୍ନ ପରାମର୍ଶମାନ ଦେଇଥିଲେ। ଭବିଷ୍ୟତରେ ଭଲ ପାଠ ସହିତ ଖେଳ, ନାଚକୁଦ, ସଙ୍ଗୀତ ଆଦି କ୍ଷେତ୍ରରେ ପାରଙ୍ଗମ ହାସଲ ପାଇଁ ସେ ପ୍ରେରଣା ଦେଇଥିଲେ। ଏଥିସହ ବିଦ୍ୟାଳୟରେ ଥିବା ସ୍ମାର୍ଟ କ୍ଲାସ, ଇ-ଲାଇବ୍ରେରି, ଇ-ଲାବରେଟୋରି ଏବଂ ଇଣ୍ଟରାକ୍ସନ ହଲ୍ ବୁଲି ଦେଖୁଥିଲେ। ବାସ୍କେଟବଲ ଟିମ୍‌ରେ ଥିବା ସମସ୍ତ ଛାତ୍ରଙ୍କୁ ଜୋତା ଓ ବଲ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଉକ୍ତ ପ୍ରତିଶ୍ରୁତି ମୁତାବକ ସଚିବ କ୍ରୀଡ଼ା ଉପକରଣ ପଠାଇଥିବା ବେଳେ ଜିଲାପାଳ ଖଲାରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରମାନଙ୍କୁ ଡକାଇ ତାହା ପ୍ରଦାନ କରିଥିଲେ। ଏହି ଅବସରରେ ଅନୁଗୋଳ ଉପଜିଲାପାଳ ବଇତୁରା ଦୀପ, ଡେପୁଟି କଲେକ୍ଟର ଇଷାନୀ ପଣ୍ଡା, ଖଲାରୀ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଗାୟତ୍ରୀ ଦାଶ, ଶିକ୍ଷକ ସଞ୍ଜୟ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଏଏମ୍‌ଏସ୍ ପ୍ରତିଷ୍ଠା ଉତ୍ସବ ପ୍ରସ୍ତୁତି

**ବଅଁରପାଳ,୨୦ା୭(ଉପେନ୍ଦ୍ର ରାଉତ)**

ନାଲ୍‌କୋ ଆଲୁମିନିୟମ ମଜଦୁର ସଂଘର ପ୍ରତିଷ୍ଠା ଉତ୍ସବ ଆସନ୍ତା ୨୩ ତାରିଖରେ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହେବ। ଏ ନେଇ ମଙ୍ଗଳବାର ସଂଘ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ସଂଘ ସଭାପତି ମୁନା ସାମଲଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ବସିଥିଲା। କାର୍ଯ୍ୟକ୍ରମକୁ ବହୁ ଆଡମ୍ବରରେ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଏଥିସହ ନାଲ୍‌କୋ ପ୍ଲାଣ୍ଟରେ କାର୍ଯ୍ୟରତ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ଓ ପ୍ଲାଣ୍ଟର ବିକାଶ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ଏଥିରେ ସାଧାରଣ ସମ୍ପାଦକ ବିନୋଦ ସାମଲ, କୈଳାସ ବେହେରା, ସୁବାସ ସାହୁ, ନେହେରୁ ସାହୁ, ସଞ୍ଜୟ ଦେହୁରୀ, ସୁଦର୍ଶନ ରାଉତ, ସାନୁଜ ପ୍ରଧାନ, ପପୁ ଗଡ଼ନାୟକ, ସୁନୀଲ ତ୍ରିପାଠୀ ପ୍ରମୁଖଙ୍କ ସମେତ ବହୁ ସଦସ୍ୟ ଯୋଗ ଦେଇଥିଲେ।




ବୈଠକରେ ଉପସ୍ଥିତ ସଂଘ କର୍ମକର୍ତ୍ତାମାନେ।

# ଆଜି ଅନୁଧ୍ୟାନ କରିବ ପ୍ରଶାସନ

**ଅନୁଗୋଳ,୨୦ା୭**
**(ଅମିତ କୁମାର ସାମଲ)**

### ଶିଶୁ ବିକ୍ରି ଚର୍ଚ୍ଚା ଘଟଣା

ଅନୁଗୋଳ ସହରର ଶେଷ ମୁଣ୍ଡରେ ରହୁଥିବା ଏକ ଦମ୍ପତି ସେମାନଙ୍କ ଏକ ୧୫ବର୍ଷର ନାବାଳିକା ଓ ୨ ଶିଶୁ କନ୍ୟାଙ୍କୁ ବିକ୍ରି କରିଦେଇଥିବା ଚର୍ଚ୍ଚା ହେଉଛି। ଏ ନେଇ ଗୁରୁବାର 'ଧରିତ୍ରୀ'ରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ତନାଘନା ଆରମ୍ଭ ହୋଇଛି। ଶୁକ୍ରବାର ପୂର୍ବାହ୍ନରେ ଜିଲା ଶିଶୁ ମଙ୍ଗଳ କମିଟି ସଦସ୍ୟଙ୍କ ସହିତ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିବେ ବୋଲି ଜଣାପଡ଼ିଛି। ସେହିପରି ସମ୍ପୃକ୍ତ ଦମ୍ପତି ସାହିରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀଠାରୁ ଋଣ ନେଇ ଛୁ' ମାରିଥିବାରୁ ସାହିର ମହିଳା ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଅଭିଯୋଗ ପାଇଁ ଥାନାକୁ ଆସିବେ ବୋଲି ସୂଚନା ମିଳିଛି।

ପ୍ରକାଶ ଯେ, ସମ୍ପୃକ୍ତ ଦମ୍ପତିଙ୍କ ୩ଟି ପିଲା ଥିଲେ। ମହିଳାଙ୍କ ପୂର୍ବ ସ୍ୱାମୀଙ୍କର ଏକ ୧୫ ବର୍ଷର ଝିଅ ରହିଥିବା ବେଳେ ଅଢ଼େଇ ବର୍ଷ ତଳେ ଦମ୍ପତିଙ୍କ ଏକ ଝିଅ ଜନ୍ମ ହୋଇଥିଲା। ସେହିପରି ୩ ମାସ ତଳେ ଆଉ ଏକ ଝିଅ ଜନ୍ମ ହୋଇଥିଲା। ୩ ପିଲା ଦମ୍ପତିଙ୍କ ପାଖରେ ରହୁଥିବା ସାହିବାସୀ ଦେଖିଆସୁଥିଲେ। ହେଲେ ଏବେ ଦମ୍ପତିଙ୍କ ନିକଟରେ ୩ କନ୍ୟା ସନ୍ତାନ ନ ଥିବା ସାହିର ମହିଳା ଓ ଦମ୍ପତିଙ୍କୁ ଋଣ ଦେଇଥିବା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ଦେଖିବା ପରେ ପିଲା ବିକ୍ରି ନେଇ ଚର୍ଚ୍ଚା ହୋଇଥିଲା। ଏହାପରେ ଭଡ଼ା ଘରେ ତାଲା ପକାଇ ଦମ୍ପତି ସପ୍ତାହେ ହେବ କେଉଁ ଆଡ଼େ ଚାଲିଯାଇଛନ୍ତି। ତେଣୁ ସ୍ଥାନୀୟ ଅଞ୍ଚଳର ମହିଳା ଓ ଋଣ ଦେଇଥିବା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଟଙ୍କା ଠକେଇ ଓ ଛୁଆ ବିକ୍ରି ହୋଇଥିବା ନେଇ ଥାନାର ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଘଟଣା ସମ୍ପର୍କରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀ ଶଙ୍କର ବେହେରା କହିଛନ୍ତି, ପିଲା ବିକ୍ରି ନେଇ ହେଉଥିବା ଚର୍ଚ୍ଚାର ଅନୁଧ୍ୟାନ ପାଇଁ ଏକ ଟିମ୍ ଘଟଣାସ୍ଥଳକୁ ଯିବ। ଘଟଣାରେ ସତ୍ୟତା ଥିଲେ ସମ୍ପୃକ୍ତ ଦମ୍ପତିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଜିଲା ଶିଶୁ ମଙ୍ଗଳ କମିଟି ସଦସ୍ୟମାନେ ମଧ୍ୟ ଶୁକ୍ରବାର ଦମ୍ପତି ରହୁଥିବା ଭଡ଼ା ଘର ଅଞ୍ଚଳକୁ ଯାଇ ଅନୁଧ୍ୟାନ କରିବେ ବୋଲି ସୂଚନା ମିଳିଛି।

# ମଦ ଦୋକାନରେ ତାଲା ଠୁଙ୍କିଲା ପ୍ରଶାସନ

**ଅନୁଗୋଳ, ୨୦ା୭**
**(ଅମିତ କୁମାର ସାମଲ)**

- ଟ୍ରେଡ୍ ଲାଇସେନ୍ସ ନ ଥିଲା
- ବାହାରେ ମଦ ବୋତଲ ପକାଯାଉଥିଲା
- ସହରରେ ଥିବାଏକ ପାର୍ଲର ସିଲ୍

ଅନୁଗୋଳ ନୂଆ ବସ୍ ଟର୍ମିନାଲ ସମ୍ମୁଖରେ ଥିବା ପ୍ରିମିୟମ୍ ମଦ ଦୋକାନରେ ପ୍ରଶାସନ ଗୁରୁବାର ତାଲା ଠୁଙ୍କିଛି। ବିଭିନ୍ନ ଅବ୍ୟବସ୍ଥା ସହ ଆବର୍ଜନା ବଢ଼ାଉଥିବାରୁ ଉକ୍ତ ଦୋକାନକୁ ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଛି। ଏଥିସହ ସହରରେ ଥିବା ଏକ ପାର୍ଲରକୁ ମଧ୍ୟ ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଥିବା ସୂଚନା ମିଳିଛି।

ପ୍ରକାଶ ଯେ, ଅନୁଗୋଳ ନୂଆ ବସ୍ ଟର୍ମିନାଲ ସମ୍ମୁଖରେ ପ୍ରିମିୟମ୍ ମଦ ଦୋକାନ ରହିଛି। ଏହା ଗତ ୪ ମାସ ହେବ ଖୋଲାଯାଇଛି। କିନ୍ତୁ ଉକ୍ତ ଦୋକାନର ଟ୍ରେଡ ଲାଇସେନ୍ସ ନ ଥିଲା। ଏ ନେଇ ପୂର୍ବରୁ ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ମଦ ଦୋକାନୀଙ୍କୁ ଅବଗତ କରାଯାଇଥିଲା। ହେଲେ ପ୍ରଶାସନର ନିର୍ଦ୍ଦେଶକୁ ଦୋକାନ ମାଲିକ କର୍ଣ୍ଣପାତ କରି ନ ଥିଲେ। ଏଥିସହ ମଦ ଦୋକାନ ସମ୍ମୁଖରେ ଏଣେତେଣେ ଖାଲି ବୋତଲ ପକାଯାଉଥିବା ଚଢ଼ାଉ ସମୟରେ ପ୍ରଶାସନିକ ଅଧିକାରୀମାନେ ଦେଖିବାକୁ ପାଇଥିଲେ। ଫଳରେ ସରକାରୀ ନିୟମର ଉଲ୍ଲଂଘନ କରିବା ଅଭିଯୋଗରେ ଉକ୍ତ ମଦ ଦୋକାନକୁ ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଥିବା ଜଣାପଡ଼ିଛି। ସେହିଭଳି ସହରରେ ଥିବା ଏକ ପାର୍ଲରକୁ ମଧ୍ୟ ସିଲ୍ କରାଯାଇଛି। ଅନୁଗୋଳ ତହସିଲଦାର ଶାଶ୍ୱତ ଦାସଙ୍କ ନେତୃତ୍ୱରେ ଚଢ଼ାଉ କରିଥିବା ବିବିଧ ଶୃଙ୍ଖଳା କମିଟି ଏହି ଦୋକାନଗୁଡ଼ିକୁ ସିଲ୍ କରିଥିବା ଜଣାପଡ଼ିଛି।



ମଦ ଦୋକାନ ଉପରେ ଚଢ଼ାଉ କରାଯାଉଛି।

## ଜମି ଦେବାକୁ କହି ଠକେଇ

ଅନୁଗୋଳ,(ଅମିତ କୁମାର ସାମଲ): ଜମି କିଣିବାକୁ ଟଙ୍କା ଦେଇ ଠକେଇର ଶିକାର ହୋଇଛନ୍ତି ଜଣେ ମହିଳା। ଏ ନେଇ ସେ କିଆକଟା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ କହିଛି, ଝୁରିକଟା ଗାଁର ଭାରତୀ ରାଜ ଏକ ଜମି କିଣିବାକୁ ଜଣେ ଯୁବକଙ୍କୁ ୬୦ ହଜାର ଟଙ୍କା ଦେଇଥିଲେ। ହେଲେ ଟଙ୍କା ନେବା ପରେ ସମ୍ପୃକ୍ତ ଯୁବକ ଜମି ରେଜିଷ୍ଟ୍ରି କରୁନାହାନ୍ତି କି ମହିଳାଙ୍କୁ ଟଙ୍କା ଫେରାଉ ନାହାନ୍ତି। ଏ ନେଇ ମହିଳା ଲିଖିତ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ସଂକ୍ଷେପରେ

### ଗଞ୍ଜେଇ ଜବତ: ୨ ଗିରଫ

ବଇଣ୍ଡା (ପରିକ୍ଷିତ ସାହୁ)/ ଆଠମଲ୍ଲିକ,୨୦।୭( ଉଦୀପ୍ତ ପୁରୋହିତ): ବଇଣ୍ଡା ଓ ଆଠମଲ୍ଲିକ ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ଆଠମଲ୍ଲିକ ବ୍ଲକ ଟୁସର ଛକଠାରୁ ବାଇକ୍ ଯୋଗେ ଚାଲାଣ କରାଯାଉଥିବା ୯ କେଜି ୫୦୦ ଗ୍ରାମ୍ ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ ୨ ବ୍ୟବସାୟୀ ବୌଦ୍ଧ ଜିଲା ମନମୁଣ୍ଡା ଥାନା ବାହାଜର ଗ୍ରାମର ଗଜାନନ ଭାଇନା ଏବଂ ସାହୁପଡା ଗ୍ରାମର ସୁଜିତ୍ ରଣବିଡାଙ୍କୁ ଗିରଫ କରାଯାଇଛି। ଅବକାରୀ ବିଭାଗ ସୂତ୍ରରୁ ପ୍ରକାଶ, ଉଭୟେ ଏକ ବସ୍ତାରେ ଗଞ୍ଜେଇ ଧରି ବୌଦ୍ଧରୁ ଅନୁଗୋଳ ଅଭିମୁଖେ ଆସୁଥିବାବେଳେ ଖବରପାଇ ଆଠମଲ୍ଲିକ ଅବକାରୀ ଉପନିରୀକ୍ଷକ ଧରଣୀଧର ପ୍ରହରାଜ, ରମେଶ ବେହେରାଙ୍କ ସମେତ ଏକ ଟିମ୍ ଟୁସର ଛକ ନିକଟରେ ଚଢ଼ାଉ କରିଥିଲେ। ଏ ନେଇ ଏକ ମାମଲା ରୁଜୁ ହୋଇଥିବା ବିଭାଗ ସୂତ୍ରରୁ ପ୍ରକାଶ।



# ପିଇଓଙ୍କୁ ତାଲା ପକାଇ ଆନ୍ଦୋଳନ

- ପ୍ରଧାନମନ୍ତ୍ରୀ ଆବାସ ଚୟନରେ ଅନିୟମିତତା ଅଭିଯୋଗ
- ନିର୍ବାହୀ ଅଧିକାରୀଙ୍କୁ ଉଦ୍ଧାର କଲା ହଣ୍ଡପା ପୋଲିସ

ବଇଣ୍ଡା,୨୦।୭(ପରିକ୍ଷିତ ସାହୁ)



ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ମହିଳାମାନେ ଆନ୍ଦୋଳନ ଚଳାଇଛନ୍ତି।

ଅନୁଗୋଳ ଜିଲା କିଶୋରନଗର ବ୍ଲକର ଅନେକ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଯୋଗ୍ୟ ହିତାଧିକାରୀଙ୍କୁ ଚୟନରୁ ବାଦ୍ ଦେଇ କୋଠାଘର ଥିବା ଲୋକଙ୍କୁ ଚୟନ କରାଯାଇଥିବାରୁ ଅସନ୍ତୋଷ ଦେଖାଦେଇଛି। ଗୁରୁବାର ଉରୁକୁଳା ପଞ୍ଚାୟତରେ ଏପରି ଅନିୟମିତତା ହୋଇଥିବାର ପ୍ରତିବାଦ କରି ବିଭିନ୍ନ ଗ୍ରାମରୁ ଆସିଥିବା ମହିଳାପୁରୁଷମାନେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିସହିତ ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ) ହୃଦାନନ୍ଦଙ୍କୁ ତାଙ୍କ କାର୍ଯ୍ୟାଳୟ ତାଲା ପକାଇ ଦେଇଥିଲେ। ଖବରପାଇ ହଣ୍ଡପା ଥାନା ଆଇଆଇସି ନମିତା ନାଏକ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରି ବନ୍ଦ କୋଠରି ତାଲା ଖୋଲି ନିର୍ବାହୀ ଅଧିକାରୀଙ୍କୁ ଉଦ୍ଧାର କରିଥିଲେ।

ବିକ୍ଷୋଭକାରୀଙ୍କ କହିବା ଅନୁଯାୟୀ, ଉରୁକୁଳା ପଞ୍ଚାୟତର ଘନପୁର, ସେରେଣ୍ଡା, ଉରୁକୁଳା, ଖମାର, ଗଦେଇମୁଣ୍ଡା, ସାତପେରେଡ଼ିଆ, ପର୍ଶୁମାଳ, ରଘୁନାଥପୁର, ପିତାବଳିଗୁରୁଡ଼ା, ଖମାର ଆଦି ଅଞ୍ଚଳରେ ଥିବା ଗରିବ ଶ୍ରେଣୀର ପରିବାରଙ୍କୁ ପ୍ରଧାନମନ୍ତ୍ରୀ ଆବାସରେ ଘର ଯୋଗାଇ ଦେବା ପାଇଁ ୨୦୨୦-୨୧ ମସିହାରେ ଚୟନ କରାଯାଇଥିଲା। ସେହି ଅନୁଯାୟୀ ୧୫୭ଟି ଘର ମଞ୍ଜୁର ହୋଇଥିଲା। ହେଲେ ତାଲିକାରେ ୧୦ ରୁ ୧୫ ଜଣ ପ୍ରକୃତ ହିତାଧିକାରୀ ଥିବାବେଳେ ଅନ୍ୟ ହିତାଧିକାରୀ କୋଠା ଥିଲାବାଲା। ଅନ୍ୟପଟେ ପଞ୍ଚାୟତରୁ ଆବେଦନ କରିଥିବା ୨୫୫ ହିତାଧିକାରୀଙ୍କୁ ଚୟନ କରା ନ ଯାଇ ବାଦ ଦିଆଯାଇଛି। ବାଦ ପଡିଥିବା ହିତାଧିକାରୀ ଗୁରୁବାର ପଞ୍ଚାୟତ କାର୍ଯ୍ୟାଳୟକୁ ଆସି ଦାବି କରିଥିଲେ ମଧ୍ୟ କେହି ଶୁଣି ନ ଥିଲେ। ଫଳରେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଘର ଭିତରେ ପୂରାଇ ତାଲା ପକାଇ ଆନ୍ଦୋଳନ କରିଥିଲେ। ତୁରନ୍ତ ସେମାନଙ୍କୁ ଘର ଯୋଗାଇ ନ ଦେଲେ ଆଗାମୀଦିନରେ ବ୍ଲକ ସମ୍ମୁଖରେ ଆନ୍ଦୋଳନ କରାଯିବ ବୋଲି ପୂର୍ଣ୍ଣିମା ମିର୍ଦ୍ଧା, ଅମର ସାହୁ, ରାଜେନ୍ଦ୍ର ମାଝି, ଅମୂଲ୍ୟ ସାହୁ, ଶିବରାମ ସାହୁ, ପ୍ରଶାନ୍ତ ପ୍ରଧାନ, ରବୀନ୍ଦ୍ର ବେହେରା ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ନେଇ କିଶୋରନଗର ବିଡିଓ ବିନୋଦ ବିହାରୀ ବେହେରା କହିଛନ୍ତି, ପୂର୍ବରୁ ଏହି ଚୟନ ହୋଇଛି। ପୁଣି ହିତାଧିକାରୀଙ୍କ ଦରଖାସ୍ତ ଗ୍ରହଣ କରାଯିବ।

# ଆଜି ବର୍ଜ୍ୟବସ୍ତୁ ପରିଚାଳନା ସଚେତନତା ସମ୍ମିଳନୀ

ବଅଁରପାଳ,୨୦।୭(ଉପେନ୍ଦ୍ର ରାଉତ)

କେନ୍ଦ୍ର ସରକାରଙ୍କ ଖଣି ଓ ଇସ୍ପାତ ମନ୍ତ୍ରାଳୟ ତରଫରୁ ବିଭିନ୍ନ କଳକାରଖାନାରେ ଉତ୍ପନ୍ନ ହେଉଥିବା ବର୍ଜ୍ୟବସ୍ତୁ ଓ ଠିକ୍ ପରିଚାଳନା ପାଇଁ ଶୁକ୍ରବାର ନାଲ୍‌କୋଠାରେ ଏକ ସଚେତନତା ସମ୍ମିଳନୀ ଅନୁଷ୍ଠିତ ହେବ। କେନ୍ଦ୍ର ସରକାରଙ୍କ ତରଫରୁ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଏବଂ ଆଜାଦୀ କୀ ଅମୃତ ମହୋତ୍ସବ ପାଳନ ଅବସରରେ ଏହି ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।

ନାଲ୍‌କୋ, ଜବାହରଲାଲ ନେହେରୁ ଆଲୁମିନିୟମ ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ ଓ ଡିଜାଇନ ସେଣ୍ଟର (ଜେଏନ୍‌ଏଆର୍‌ଡିସି), ମ୍ୟାଟେରିଆଲ୍ସ ରିସାଇକେଲିଂ ଆସୋସିଏଶନ ଅଫ ଇଣ୍ଡିଆ(ଏମ୍‌ଆର୍‌ଏଆଇ), ନ୍ୟାଶନାଲ ମିନେରାଲ୍ସ ଡେଭଲପମେଣ୍ଟ କୋର୍ପୋରେଶନ (ଏନ୍‌ଏମ୍‌ଡିସି), ମେଟାଲ ସ୍କ୍ରାଫ ଟ୍ରେଡ୍ କର୍ପୋରେଶନ ଲିମିଟେଡ୍ (ଏମ୍‌ଏସ୍‌ଟିସି) ଭଳି ନବରତ୍ନ କମ୍ପାନୀ ମିଳିତ ଭାବେ ଏହି ସମ୍ମିଳନୀକୁ ଆୟୋଜନ କରୁଛନ୍ତି। ଆଲୁମିନିୟମ ଶିଳ୍ପରୁ ଅନେକ ପ୍ରକାର ବର୍ଜ୍ୟବସ୍ତୁ ନିର୍ଗତ ହୋଇଥାଏ। ଏହାକୁ ପୁର୍ନବାର ରିସାଇକେଲିଂ କରି ଉପଯୋଗକ୍ଷମ କରାଯାଇଥାଏ। ଫଳରେ ଅର୍ଥନୀତିରେ ବୃଦ୍ଧି ଘଟିଥାଏ। ଏଥିସହିତ କାରଖାନାରୁ ନିର୍ଗତ ବର୍ଜ୍ୟବସ୍ତୁର ଠିକ୍ ବିନିଯୋଗ ଯୋଗୁ ପରିବେଶର ସୁରକ୍ଷା ମଧ୍ୟ ହୋଇପାରିଥାଏ। ଉପରୋକ୍ତ ବିଷୟ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହେବ। କେନ୍ଦ୍ର ଓ ଇସ୍ପାତ ମନ୍ତ୍ରାଳୟରୁ ଅଂଶଗ୍ରହଣ କରୁଥିବା ଅଧିକାରୀମାନେ ବିଭିନ୍ନ ଉଦ୍ୟୋଗ ସହ ଆଲୋଚନା କରି ବର୍ଜ୍ୟବସ୍ତୁର ସୁପରିଚାଳନା ପାଇଁ ଉପାୟ ବତାଇବେ। ସେହିପରି କ୍ଷୁଦ୍ର ଶିଳ୍ପ ମଧ୍ୟ କିପରି ଏହି ବର୍ଜ୍ୟବସ୍ତୁକୁ ବ୍ୟବହାର କରି ନିଜର ଏକ ଉଦ୍ୟୋଗ ତିଆରି କରିପାରିବେ ସେ ଉପରେ ଆଲୋକପାତ କରିବାର କାର୍ଯ୍ୟକ୍ରମ ରହିଥିବା ଜଣାପଡ଼ିଛି।

# ତୃଣମୂଳସ୍ତରରୁ କ୍ରୀଡ଼ାକୁ ଅଗ୍ରାଧିକାର ଦିଅ



ଜିଲାସ୍ତରୀୟ ଶାରୀରିକ ଶିକ୍ଷା ଶିକ୍ଷକ ବାର୍ଷିକ ସମ୍ମିଳନୀରେ ମଞ୍ଚାସୀନ ଅତିଥିମାନେ।

ଅନୁଗୋଳ, ୨୦।୭ (ଅମିତ କୁମାର ସାମଲ)

ଅନୁଗୋଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ଶାରୀରିକ ଶିକ୍ଷା ଶିକ୍ଷକ ବାର୍ଷିକ ସମ୍ମିଳନୀ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଅଜୟ କୁମାର ପାତ୍ର, ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସୀଠ, ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ଳ କୁମାର ଗଡନାୟକ, ତାଳଚେର ଓ ବଅଁରପାଳ ବ୍ଲକ ଶିକ୍ଷା ଅଧିକାରୀ, ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରିୟ ରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ତୃଣମୂଳସ୍ତରରୁ ଜିଲାରେ କ୍ରୀଡ଼ାକୁ କିଭଳି ଅଗ୍ରାଧିକାର ଦିଆଯିବ ସେଥିପ୍ରତି ସମସ୍ତ କ୍ରୀଡ଼ା ଶିକ୍ଷୟିତ୍ରୀ ଶିକ୍ଷକ ଯତ୍ନବାନ ହେବା ପାଇଁ ଅତିଥିମାନେ ମାର୍ଗଦର୍ଶନ କରିଥିଲେ। ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଭିକାରୀବନ୍ଧୁ ସାହୁ ଆଗାମୀ ଦିନରେ କ୍ରୀଡ଼ା କ୍ଷେତ୍ରରେ ରାଜ୍ୟ ଓ ଜାତୀୟସ୍ତରରେ ଜିଲାର ସୁନାମ ଆଣିବା ପାଇଁ କ୍ରୀଡ଼ା ଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ। ଉକ୍ତ ସଭାରେ ୮ ବ୍ଲକର ସମ୍ପାଦକ ସେମାନଙ୍କ ସମସ୍ୟା ଓ କ୍ରୀଡ଼ାର ଉନ୍ନତି ଉପରେ ମତାମତ ପ୍ରଦାନ କରିଥିଲେ। ୨୬୨ ଜଣ କ୍ରୀଡ଼ା ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ। ଶେଷରେ କ୍ରୀଡ଼ା ଶିକ୍ଷକ ଦୋଳଗୋବିନ୍ଦ ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ।

## ଯୁବକଙ୍କୁ ମାଡ଼, ୨ ଗିରଫ

ଅନୁଗୋଳ, ୨୦।୭ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ବନ୍ତଲା ଥାନା ଧୋକୁଟା ହାଟ ନିକଟରେ ଛେଣ୍ଡିପଦା ଥାନା ପୋଡ଼ାପଡ଼ା ଅଞ୍ଚଳର ଆଶୁତୋଷ ଶୁଭାଶିଷଙ୍କୁ ୨ ଜଣ ଯୁବକ ମାଡ଼ ମାରିଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୨୮୨/୨୩ରେ ମାମଲା ରୁଜୁ ସହ ଘଟଣାର ତଦନ୍ତ କରି ଧୋକୁଟା ଅଞ୍ଚଳର ଦୀପ୍ତିଧର ଦେହୁରୀ(୨୮) ଓ ରୋହିତ ଜେନା(୩୫)ଙ୍କୁ ଗିରଫ କରିଛି। ପୋଲିସ କହିଛି, ଗତ ୧୬ ତାରିଖରେ ଆଶୁତୋଷଙ୍କ ଦାଦା ଅସୁସ୍ଥ ଥିବାରୁ ସେ ତାଙ୍କୁ କଟକ ମେଡିକାଲ ନେଇ ଯାଉଥିଲେ। ଏହି ସମୟରେ ଅଭିଯୁକ୍ତ ଦୀପ୍ତିଧର ଓ ରୋହିତ ଏକ ବୁଲେଟ୍ (ନଂ. ଓଡି ୧୯ ଆର-୮୯୫୨)ରେ ଆସି ଧୋକୁଟା ନିକଟରେ ତାଙ୍କୁ ଅଟକାଇ ମାଡ଼ ମାରିଥିଲେ। ଏପରି କି ଟଙ୍କା ମାଗିବା ସହ କାର୍ ଚାବି ଛଡ଼ାଇ ନେଇଥିଲେ। ଏ ନେଇ ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି।

# ସମସ୍ୟା ନେଇ ଉପଜିଲାପାଳଙ୍କୁ ଅଭିଯୋଗ

ତାଳଚେର, ୨୦।୭ (ମନୋଜ ନନ୍ଦ)

ତାଳଚେର ବ୍ଲକ ସନ୍ଥପଡା ପଞ୍ଚାୟତର ସୁନ୍ଦରପଶି ଗ୍ରାମ ରାସ୍ତା ଶୋଚନୀୟ ହୋଇପଡ଼ିଛି। ବର୍ଷା ପରେ ଉକ୍ତ ରାସ୍ତାରେ ପାଣି, କାଦୁଅ ଭରିଯାଇଛି। ଫଳରେ ଚାଲିକରି ଯିବା କଷ୍ଟକର ହୋଇପଡୁଛି। ସମସ୍ୟା ସମ୍ପର୍କରେ ପୂର୍ବରୁ ପ୍ରଶାସନକୁ ଲିଖିତ ଭାବେ ଅଭିଯୋଗ କରାଯାଇଥିଲା। ତେବେ ଏଯାଏ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନିଆଯାଇ ନ ଥିବାରୁ ସରପଞ୍ଚ ସହଦେବ ସାହୁଙ୍କ ନେତୃତ୍ୱରେ ଗ୍ରାମବାସୀ ବୁଧବାର ତାଳଚେର ଉପଜିଲାପାଳ ବିଶ୍ୱରଞ୍ଜନ ରଥଙ୍କୁ ଭେଟି ରାସ୍ତା ନିର୍ମାଣ ପାଇଁ ଦାବି କରିଛନ୍ତି।



ଅଭିଯୋଗ କରିବାକୁ ଆସିଥିବା ସରପଞ୍ଚ ଓ ଗ୍ରାମବାସୀ।

## ସାପ କାମୁଡ଼ାରେ ଜଣେ ମୃତ, ଜଣେ ଗୁରୁତର

ଅନୁଗୋଳ, ୨୦।୭ (ଅମିତ କୁମାର ସାମଲ)

ଅନୁଗୋଳ ଜିଲାରେ ସାପ କାମୁଡ଼ାରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଜଣେ ଗୁରୁତର ହୋଇଛନ୍ତି। ସୂଚନା ମୁତାବକ, ବୁଧବାର ବିଳମ୍ବିତ ରାତିରେ ଠାକୁରଗଡ଼ ଥାନା ମଇମୁରା ଗ୍ରାମର ନୀଳ ମୁଖୀ (୩୫) ଶୋଇଥିବା ବେଳେ ସାପ କାମୁଡି ଦେଇଥିଲା। ପରିବାର ଲୋକେ ତାଙ୍କୁ ପ୍ରଥମେ ଆଠମଲ୍ଲିକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। କିନ୍ତୁ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଡାକ୍ତର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସେହିପରି ନିଶା ଥାନା ଷଣ୍ଢପାଳ ଗ୍ରାମର ରୋହିତ ନାୟକଙ୍କ ସ୍ତ୍ରୀ ଝୁଲଣି ନାୟକ (୨୫) ରାତିରେ ଶୋଇଥିବା ବେଳେ ସାପ କାମୁଡି ଦେଇଥିଲା। ତାଙ୍କୁ ପ୍ରଥମେ କୋଶଳା ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରୁ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା।

# ସମାଧାନ ବୈଠକ ସଫଳ

### କେନ୍ଦ୍ରୀୟ ଗଣେଶ ପୂଜା କମିଟିରେ ବିବାଦ ଘଟଣା

ତାଳଚେର, ୨୦।୭ (ମନୋଜ ନନ୍ଦ)

ତାଳଚେରର ଗଣପର୍ବ ତଥା ଆଗାମୀ ଗଣେଶ ପୂଜାକୁ ନେଇ କେନ୍ଦ୍ରୀୟ ଗଣେଶ ପୂଜା କମିଟିରେ ଦେଖାଦେଇଥିବା ବିବାଦର ସମାଧାନ ହୋଇଛି। ଗୁରୁବାର ପୌରାଧ୍ୟକ୍ଷ ପବିତ୍ର ଭୂତିଆଙ୍କ ନେତୃତ୍ୱରେ ବସିଥିବା ସମାଧାନ ବୈଠକ ସଫଳ ହୋଇଛି।

ପ୍ରକାଶ ଯେ, ଆଗାମୀ ଗଣେଶ ପୂଜାକୁ ନେଇ କେନ୍ଦ୍ରୀୟ କମିଟି ସଭାପତି କେଶବ ଭୂତିଆଙ୍କ ନେତୃତ୍ୱରେ ଗତ ୧୭ ତାରିଖରେ ଏକ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଏହାକୁ ନେଇ ଅନ୍ୟ ଏକ ଗୋଷ୍ଠୀ ସାଧାରଣ ସମ୍ପାଦକ ଜୟନ୍ତ ଭୂତିଆଙ୍କ ନେତୃତ୍ୱରେ ଅସନ୍ତୋଷ ବ୍ୟକ୍ତ କରିଥିଲା। ଏଥିସହ ଆଗାମୀ ୨୩ ତାରିଖରେ ସାଧାରଣ ସମ୍ପାଦକଙ୍କ ପକ୍ଷରୁ ଏକ ବୈଠକ ଡକାଯାଇଥିଲା। ତେବେ ବିବାଦ ବଢୁଥିବା ଦେଖି ତାଳଚେର ପୌର ପରିଷଦ ଅଧ୍ୟକ୍ଷ ପବିତ୍ର ଭୂତିଆ ଏଥିରେ ହସ୍ତକ୍ଷେପ କରିବା ସହ ଭାଇଚାରା ଓ ଶୃଙ୍ଖଳା ମଧ୍ୟରେ କିପରି ଏହି ଗଣପର୍ବ ପାଳନ କରାଯିବ ସେ ନେଇ ଉଭୟ ଗୋଷ୍ଠୀଙ୍କୁ ଡକାଇ ପୌର ପରିଷଦ କାଉନସିଲ ହଲ୍‌ରେ ବୈଠକ କରିଥିଲେ। ତାଳଚେରର ଐତିହ୍ୟ, ପରମ୍ପରାକୁ ବଜାୟ ରଖି ପ୍ରଭୁ ଗଜାନନଙ୍କ ପୂଜା କରିବା ଉପରେ ପୌରାଧ୍ୟକ୍ଷ ଗୁରୁତ୍ୱାରୋପ କରିବାକୁ ପରାମର୍ଶ ଦେବା ପରେ ଉଭୟ ଗୋଷ୍ଠୀ ବାଦବିବାଦ ଭୁଲି ଆଗାମୀ ୨୩ ତାରିଖ ବୈଠକରେ ଆଲୋଚନା ଏବଂ ନୂତନ କର୍ମକର୍ତ୍ତା ଚୟନ କରିବାକୁ ସହମତ ହୋଇଥିଲେ। ଏହି ବୈଠକରେ କେନ୍ଦ୍ରୀୟ କମିଟି ସଭାପତି କେଶବ ଭୂତିଆ, ଉପସଭାପତି ଡ. ରଶ୍ମିରଞ୍ଜନ ମିଶ୍ର, ସାଧାରଣ ସମ୍ପାଦକ ଜୟନ୍ତ ଭୂତିଆ, ଉପଦେଷ୍ଟା ଦେବୀ ମିଶ୍ର, ପୂର୍ଣ୍ଣଚନ୍ଦ୍ର ସାହୁ, ଯୁଗ୍ମ ସମ୍ପାଦକଙ୍କ ସହ ସଦସ୍ୟମାନେ ଉପସ୍ଥିତ ଥିଲେ।

# କଠିନ ପରିଶ୍ରମ ସ୍ୱପ୍ନ ସାକାର କରେ



କିଶୋରନଗର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା ଦିବସରେରେ ଉପସ୍ଥିତ ଅତିଥିମାନେ।

ବଇଣ୍ଡା,୨୦।୭(ପରିକ୍ଷିତ ସାହୁ)

ଜୀବନରେ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ସହ ଏଥିପାଇଁ ସ୍ୱପ୍ନ ଦେଖିବା ଏକାନ୍ତ ଆବଶ୍ୟକ। କଠିନ ପରିଶ୍ରମ, ସାଧନା ଓ ନିଷ୍ଠା ହିଁ ଏହି ସ୍ୱପ୍ନକୁ ସାକାର କରିଥାଏ ବୋଲି ଅନୁଗୋଳ ଜିଲା କିଶୋରନଗର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠା ଦିବସରେ ଯୋଗଦେଇଥିବା ଅତିଥିମାନେ ମତ ଦେଇଛନ୍ତି।

ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ସଭାପତି ଡା. ଅଲେଖ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ମହିଳା କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଡା. ସନ୍ତୋଷ ଦାଶ, ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ପରେଶ ଦାନୀ, ସମ୍ମାନିତ ଅତିଥି ଭାବେ ପ୍ରଫେସର ନନ୍ଦ କିଶୋର ମହାକୁଡ, ଧଉରାପାଲି ସରପଞ୍ଚ ସଞ୍ଜିତ କୁମାର ସାହୁ ପ୍ରମୁଖ ଯୋଗ ଦେଇ ବିଦ୍ୟାଳୟର ଐତିହ୍ୟ ଓ ମହାନ ପରମ୍ପରାର ସ୍ମୃତିଚାରଣ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ସୁପ୍ରଭା ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଭୈରବ ଦେହୁରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ସଂଗ୍ରାମ କେଶରୀ ପୃଷ୍ଟି, ଆକାଶ ଦାଶ ମଞ୍ଚ ସଞ୍ଚାଳନ କରିଥିଲେ। ଏହି ଅବସରରେ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଅଭିଲିପସା ଆଚାର୍ଯ୍ୟଙ୍କୁ 'ବିଜୟ ଦେହୁରୀ ସ୍ମୃତି ସମ୍ମାନ' ଡାକ୍ତରୀ ପଢିବା ପାଇଁ କୃତକାର୍ଯ୍ୟ ହୋଇଥିବା ଛାତ୍ରୀ ଜାଗୃତି ବିଶ୍ୱାଳ ଓ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ସଫଳତା ପାଇଥିବା ଅମରେଶ ପ୍ରଧାନଙ୍କୁ ବିଦ୍ୟାଳୟ ଗୌରବ ସମ୍ମାନ ପ୍ରଦାନ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସୁଧୀରଞ୍ଜନ ପ୍ରଧାନ, ଗୌରଚନ୍ଦ୍ର ସାହୁ, ସଞ୍ଜୟ ଦାଶଙ୍କ ସମେତ ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ। ଦେବରାଜ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ଉପଜିଲାପାଳଙ୍କ ବଦଳି ବାତିଲ ଦାବି

ଆଠମଲ୍ଲିକ,୨୦।୭(ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ଉପଜିଲାପାଳ ତରଣୀ ସୁନାଙ୍କ ବଦଳି ବାତିଲ ପାଇଁ ଆମ୍ବେଦକର ଫାଉଣ୍ଡେଶନ ପକ୍ଷରୁ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଫାଉଣ୍ଡେଶନ ସଭାପତି ତଥା ଆଇନଜୀବୀ ଜିତେନ କୁମାର ମୁଖୀ, ସମ୍ପାଦକ ତଥା ଆଇନଜୀବୀ ଆର୍ଯ୍ୟଭଟ୍ଟ ମହାନନ୍ଦିଆଙ୍କ ନେତୃତ୍ୱରେ ସଦସ୍ୟମାନେ ଉପଜିଲାପାଳଙ୍କ କାର୍ଯ୍ୟାଳୟର ସେକ୍ସନ ଅଫିସର ଅଭିରାମ ସାଏଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ସମୟରେ ଟ୍ରେଡ ୟୁନିୟନ ଆବାହକ ଧର୍ମେନ୍ଦ୍ର ବେହେରା ଉପସ୍ଥିତ ଥିଲେ। ସେହିପରି ଶରତ ମହାପାତ୍ର ମଧ୍ୟ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିସହ ଉପଜିଲାପାଳଙ୍କ ବଦଳି ଦାବିକୁ ଜୋର୍ ଦେବାକୁ ଅବସରପ୍ରାପ୍ତ ପ୍ରାଧ୍ୟାପକ ନନ୍ଦ କିଶୋର ମହାକୁଡ଼ଙ୍କ ନେତୃତ୍ୱରେ ବରିଷ୍ଠ ନାଗରିକ ଓ ବିଭିନ୍ନ ଫୋରମର ବ୍ୟକ୍ତି ବିଶେଷଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି।



ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଉଛି।

# ସମ୍ପାଦକ, ଆନିମେଟରଙ୍କୁ ପ୍ରଶିକ୍ଷଣ

ମାଧପୁର, ୨୦।୭ (ମନୋଜ ପ୍ରଧାନ)

ଆଠମଲ୍ଲିକ ବନଖଣ୍ଡ ଅଧୀନ ମାଧପୁର ବନାଞ୍ଚଳ ସଭାଗୃହ ଠାରେ ୨୦ଟି ବନ ସୁରକ୍ଷା ସମିତିର ୩୪ ଜଣ ସମ୍ପାଦକ ଏବଂ ଆନିମେଟରମ୍‌ଙ୍କୁ ନେଇ ଏକଦିବସୀୟ ଅଣୁ ଯୋଜନା ସଂଶୋଧନ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଏସିଏଫ୍ ଗୋରୀ ଶଙ୍କର ଦାସ ଏବଂ ସଚ୍ଚିଦାନନ୍ଦ ସେଠୀ, ମାଧପୁର ରେଞ୍ଜର ସନ୍ତୋଷ କୁମାର ଭୋଇ, ବୈଷୟିକ ବିଶେଷଜ୍ଞ ଗିରିଜା ଶଙ୍କର ଦାସ, ସନ୍ଦୀପ ମହାପାତ୍ର ଯୋଗଦେଇ ଅଣୁ ଯୋଜନା ମାଧ୍ୟମରେ ବନ ସୁରକ୍ଷା ସମିତିର କିଭଳି ଉନ୍ନତି ହୋଇପାରିବ ସେ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ବନ ସଂଯୋଜକ ଦେବାନନ୍ଦ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅନ୍ୟତମ ବନ ସଂଯୋଜକ ଶ୍ୱେତମ୍ବର ମଲ୍ଲିକ, ସଂଯୋଜିକା କୁମୁଦିନୀ ପାଣି, ତନୁଶ୍ରୀ ବଘାର, ପରେଶ ପ୍ରଧାନ, ଅଜିତ ଭୋଇ ପ୍ରମୁଖ ସହଯୋଗ କରିଥିଲେ।



ଶିବିରରେ ମଞ୍ଚାସୀନ ଅଧିକାରୀମାନେ।

## ଷ୍ଟେଶନାରି ସଂସ୍ଥା ବିରୋଧରେ ଏତଲା

ଅନୁଗୋଳ, ୨୦।୭ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା କଣିହାଁସ୍ଥିତ ଏନ୍‌ଟିପିସି ଠାରୁ ସାମଗ୍ରୀ ଅର୍ଡର ପାଇଁ ଟଙ୍କା ନେଇଥିବା ଭୁବନେଶ୍ୱରର ଏକ ଷ୍ଟେଶନାରି ସଂସ୍ଥା ବିରୋଧରେ ଥାନାରେ ଏତଲା ଦିଆଯାଇଛି। ଏନ୍‌ଟିପିସି ସିଏସ୍‌ଆର୍ ମାନବ ସମ୍ବଳ ଅଧିକାରୀ (ଏଚ୍‌ଆର୍) ଧନେଶ୍ୱର ନାଏକ ଏହି ଏତଲା ଦେଇଛନ୍ତି। ପୋଲିସ ନଂ. ୧୦୦/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ସିଏସ୍‌ଆର୍ ଅର୍ଥରେ ସ୍ଥାନୀୟ ସ୍କୁଲକୁ ୨୫ଟି କଳାପଟା, ଚକ୍ ଓ ଡଷ୍ଟର ଯୋଗାଇବା ପାଇଁ ଏନ୍‌ଟିପିସି ପକ୍ଷରୁ ଉକ୍ତ ଷ୍ଟେଶନାରି ସଂସ୍ଥାକୁ ଅର୍ଡର ଦିଆଯାଇଥିଲା। ଏଥିପାଇଁ ୨୦୧୯ରୁ ୯୫ ହଜାର ୮୭୫ ଟଙ୍କା ସଂସ୍ଥାକୁ ବ୍ୟାଙ୍କ ଆକାଉଣ୍ଟରେ ପ୍ରଦାନ କରାଯାଇଥିଲା। କିନ୍ତୁ ଏହି ଅର୍ଡର ମୁତାବକ ସଂସ୍ଥା ଅଦ୍ୟାବଧି ସାମଗ୍ରୀ ପ୍ରଦାନ କରିନାହିଁ। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ୪.୫ କୋଟି ମଞ୍ଜୁର, ବିଜେଡିର କୃତଜ୍ଞତା





ଆୟୋଜିତ ଖବରଦାତା ସମ୍ମିଳନୀରେ ମଞ୍ଚାସୀନ ବିଜେଡି ନେତୃବୃନ୍ଦ।

ଅନୁଗୋଳ, ୨୦।୭ (ଅମିତ କୁମାର ସାମଲ)

ଅନୁଗୋଳ ନିର୍ବାଚନମଣ୍ଡଳୀର ବିଭିନ୍ନ ଧର୍ମାନୁଷ୍ଠାନର ବିକାଶ ପାଇଁ ରାଜ୍ୟ ସରକାର ସାଢ଼େ ୪ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହି ଟଙ୍କାରେ ଅନୁଗୋଳ ସହର ସମେତ ଅନୁଗୋଳ ଓ ବଅଁରପାଳ ବ୍ଲକର ବିଭିନ୍ନ ଧର୍ମାନୁଷ୍ଠାନର ଉନ୍ନତୀକରଣ କରାଯିବ। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କୁ ଅନୁଗୋଳ ବିଜେଡି ପକ୍ଷରୁ ବୁଧବାର କୃତଜ୍ଞତା ଜଣାଯାଇଛି। ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ପକ୍ଷରୁ କୁହାଯାଇଛି ଯେ, ଅଙ୍ଗାରବନ୍ଧ ମହିମା ପୀଠକୁ ସର୍ବାଧିକ ୫୦ ଲକ୍ଷ ଟଙ୍କା ଦିଆଯାଇଥିବାବେଳେ ପୋକତୁଙ୍ଗା ରଣେଶ୍ୱର ମନ୍ଦିରକୁ ୧୫ ଲକ୍ଷ, ବଅଁରପାଳ ବ୍ଲକର ୧୭ଟି ପ୍ରକଳ୍ପ ମଧ୍ୟରେ ପଞ୍ଚଶ୍ରୀକ୍ଷେତ୍ରର ବିକାଶ ପାଇଁ ୧୫ ଲକ୍ଷ ଟଙ୍କା ଦିଆଯାଇଛି। ବଳରାମପ୍ରସାଦ ହିଙ୍ଗୁଳା ମନ୍ଦିର ଓ ତଳମୂଳ ଦୁର୍ଗାଦେବୀ ମନ୍ଦିର ବିକାଶ ପାଇଁ ୧୦ ଲକ୍ଷ ଟଙ୍କା ଲେଖାଏ ଅନୁଦାନ ମିଳିଛି। ଏହି ଖବରଦାତା ସମ୍ମିଳନୀରେ ଜିଲା ବିଜେଡି ସଭାପତି ମହେନ୍ଦ୍ର ବସ୍ତିଆ, ପରମାନନ୍ଦ ମିଶ୍ର, ବଅଁରପାଳ ପଞ୍ଚାୟତ ସମିତି ଅଧ୍ୟକ୍ଷ ବିଜୟ ନାଥ, ନଗରପାଳ ଅକ୍ଷୟ ସାମନ୍ତ, ଜିଲା ପରିଷଦ ସଦସ୍ୟ ମୀରା ଗଡ଼ନାୟକ, ଗୋପାଳ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଶିକ୍ଷକଙ୍କ ମାଡ଼ରେ ଛାତ୍ର ଆହତ

ଅନୁଗୋଳ, ୨୦।୭ (ଅମିତ କୁମାର ସାମଲ)

ଅନୁଗୋଳ ସହର ଉପକଣ୍ଠ ଏକ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକଙ୍କ ମାଡ଼ରେ ଜଣେ ଛାତ୍ର ଆହତ ହୋଇଥିବା ଅଭିଯୋଗ ହୋଇଛି। ଗଣିତ କ୍ଲାସ ଚାଲିଥିବା ବେଳେ ଜଣେ ଛାତ୍ର ପାଠ କରିସାରି ଅନ୍ୟ ଜଣେ ଛାତ୍ରଙ୍କୁ ଖାତା ଦେଖାଇଦେବାରୁ ଏଥିରେ ରାଗିଯାଇ ପଢ଼ାଉଥିବା ଶିକ୍ଷକ ପାଠ ଦେଖାଇଥିବା ଛାତ୍ରଙ୍କୁ ମାଡ଼ ମାରିଥିଲେ। ଛାତ୍ରଙ୍କ ହାତକୁ ଜୋର୍‌ରେ ମୋଡ଼ିଦେଇ ୪/୫ ବିଧା ମାରିବାରୁ ଛାତ୍ରଙ୍କ ହାତର ଶିର ମୋଡ଼ି ହୋଇଯାଇଥିଲା। ଏହାପରେ ସମ୍ପୃକ୍ତ ଶିକ୍ଷକ ତାଙ୍କୁ ଘରକୁ ପଠାଇ ଦେଇଥିଲେ। ପରିବାର ଲୋକେ ଆହତ ଛାତ୍ରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ଚିକିତ୍ସା କରିଥିବା ତାଙ୍କ ବାପା ଅଭିଯୋଗ କରିଛନ୍ତି। ଏହା ପୂର୍ବରୁ ମଧ୍ୟ ସମ୍ପୃକ୍ତ ଶିକ୍ଷକ ଛାତ୍ରଙ୍କୁ ମାଡ଼ ମାରିଥିବା ଛାତ୍ରଙ୍କ ବାପା ଅଭିଯୋଗ କରିଛନ୍ତି। ଘଟଣାକୁ ନେଇ ଗାଁରେ ଏକ ବୈଠକ ବସିଥିଲା। ଛାତ୍ରଙ୍କୁ ମାଡ଼ ମାରିଥିବା ଶିକ୍ଷକ ନିଜ ତ୍ରୁଟି ସ୍ୱୀକାର କରିବା ପରେ ଘଟଣାର ସମାଧାନ ହୋଇଥିବା ଗ୍ରାମବାସୀ ସୂଚନା ଦେଇଛନ୍ତି।

